## ସଂକ୍ଷେପରେ

### ପଥର ବୋଝେଇ ଟ୍ରାକ୍ଟର ଜବତ

ଖୁଣ୍ଟା,୨୯।୭(ଡି.ଏନ୍.ଏ.)- ଡୁକୁରା ରେଞ୍ଜ ବନ କର୍ମଚାରୀମାନେ ସୋମବାର ଏକ ପଥର ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ବନ କର୍ମଚାରୀମାନେ ପେଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରାକ୍ଟର କଳା ମୁଗୁନି ପଥର ବୋଝେଇ କରି କ୍ରସରକୁ ନେଉଥିବା ସମୟରେ ବାଙ୍ଗାରା ଗ୍ରାମ ଛକଠାରେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡିଥିଲା। ବେଆଇନ ଭାବେ କଳା ମୁଗୁନି ପଥର ଚାଲାଣ କରୁଥିବା ଉକ୍ତ ଟ୍ରାକ୍ଟରଟିକୁ ବନ କର୍ମଚାରୀ ମାନେ ରେଞ୍ଜ କାର୍ଯ୍ୟାଳୟକୁ ନେଇ ଯାଇଥିବା ଜଣାପଡିଛି।

### ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

କପ୍ତିପଦା/ଖୁଣ୍ଟା,୨୯।୭(ଡି.ଏନ୍.ଏ.)- କପ୍ତିପଦା ବ୍ଲକ ଅଧୀନ ନଟୋ ପଞ୍ଚାୟତ ପୁରୁଣାପାଣି ଗ୍ରାମରେ କପ୍ତିପଦା ବନ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ଫରେଷ୍ଟର ଶୋଭାକର ସିଂହ, ଶରତ ଫରେଷ୍ଟର ଭାଗ୍ୟଶ୍ରୀ ଦାସ, ବନରକ୍ଷୀ ଜୟନ୍ତୀ ପାତ୍ର, ଅଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଗଛ ଲଗାଇବା,ବନ୍ୟଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ନଷ୍ଟ ନ କରିବା, ଜଙ୍ଗଲରେ ନିଆଁ ନ ଲଗାଇବା ଓ ଶିକାର ନ କରିବାକୁ ଏହି ବୈଠକରେ ଲୋକମାନଙ୍କୁ ପରାମର୍ଶ ଦିଆଯାଇଥିଲା।

ସେହିପରି ଡୁକୁରା ରେଞ୍ଜ ଅଧୀନ ଡୁକୁରା ଚକ୍ରବର୍ତ୍ତୀ ବନ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ବ୍ୟାଘ୍ର ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଡେପୁଟି ରେଞ୍ଜ ଅଧିକାରୀ କେଦାର ନାଥ ମଲିକ, ତାଡ଼କି ସେକ୍ସନ ଫରେଷ୍ଟର ଲବଙ୍ଗଲତା ବିନ୍ଧାଣି ଓ ବନରକ୍ଷୀ ତ୍ରିନାଥ ସାମଲଙ୍କ ସମେତ ବନ ସୁରକ୍ଷା ସମିତିର ସଦସ୍ୟ ଓ ସ୍ଥାନୀୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

### ଆମ ପୋଲିସ ସମିତି ବୈଠକ

ଉଦଳା,୨୯।୭ (ଡି.ଏନ୍.ଏ.)- ଉଦଳା ଥାନା ପକ୍ଷରୁ ପୋଲିସ ସମିତି ବୈଠକ ରବିବାର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢେଇ, ଉଦଳା ଥାନା ଆଇଆଇସି ସନାତନ ସାହୁ ଏବଂ ପୋଲିସ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଅଞ୍ଚଳର ଆଇନ ସୁରକ୍ଷା ଦିଗ ଉପରେ ଆଲୋଚନା କରିଥିଲେ। ଉଦଳା ସହରାଞ୍ଚଳ ଏବଂ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସାମାଜିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ନଜର ରଖିବା, ସହରାଞ୍ଚଳରେ ଟ୍ରାଫିକ୍ ବ୍ୟବସ୍ଥା, ଅଞ୍ଚଳରେ ବଢିଥିବା ଚୋରି, ରାହାଜାନି ଉପରେ ରୋକ ଲଗାଇବା, ଅଞ୍ଚଳର ବିଭିନ୍ନ ହାଟରେ ଚାଲିଥିବା ଚୋରା ମଦ କାରବାର ଉପରେ ଲଗାମ ଲଗାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ପୋଲିସ ସମିତିର ବହୁ ବରିଷ୍ଠ ସଦସ୍ୟ ଯୋଗ ଦେଇଥିବା ବେଳେ ଇନ୍ସପେକ୍ଟର ଶଶିଭୂଷଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଆମକୁ ଅନୁସୂଚିତ ଜାତି ମାନ୍ୟତା ଦିଅ’

- ବାରିପଦାରେ କୁମ୍ଭାର ସମ୍ପ୍ରଦାୟର ସମାବେଶ
- ପୁରୁଣା ବୃତ୍ତିର ବିକାଶ ଲାଗି ଆଧୁନିକୀକରଣ ଲୋଡା

ବାରିପଦା ଅଫିସ,୨୯।୭

କୁମ୍ଭାର ସମ୍ପ୍ରଦାୟକୁ ଅନୁସୂଚିତ ଜାତି(ଏସ୍‌ସି) ତାଲିକାରେ ଅନ୍ତର୍ଭୁକ୍ତ କରିବା ଲାଗି ମୟୂରଭଞ୍ଜ ଜିଲା କୁମ୍ଭାର ଉନ୍ନୟନ ପରିଷଦ ପକ୍ଷରୁ ଏକ ସମାବେଶରେ ଦାବି ଉପସ୍ଥାପନ କରାଯାଇଛି। ପରିଷଦର ଉପସଭାପତି ଭୀମଚରଣ ରାମଙ୍କ ସଭାପତିତ୍ୱରେ ବାରିପଦାସ୍ଥିତ ମଧୁବନ କ୍ଳବ ପରିସରରେ ଆୟୋଜିତ ସମାବେଶରେ ପରିଷଦର ସମ୍ପାଦକ ଲଛମନ ରାମ ପୂର୍ବବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହିତ ଚଳିତବର୍ଷର କାର୍ଯ୍ୟକ୍ରମ ରୂପରେଖ ଉପସ୍ଥାପନ କରିଥିଲେ। ଏହାପରେ କୁମ୍ଭାର ସମ୍ପ୍ରଦାୟର ଆର୍ଥିକ ଅନଗ୍ରସରତା ଓ ପରିଷଦର ଦାବି ପ୍ରତି ପ୍ରଶାସନିକସ୍ତରରେ ଅବହେଳା କରାଯିବା ଆଦି ସମସ୍ୟା ନେଇ ଆଲୋଚନା ହୋଇଥିଲା। ଦିନ ଥିଲା ଏହି ସମ୍ପ୍ରଦାୟର ଲୋକେ ମାଟିରେ ବିଭିନ୍ନ ଉପାଦେୟ ସାମଗ୍ରୀ ନିର୍ମାଣ କରି ପରିବାର ପୋଷଣ କରୁଥିଲେ। କ୍ରମେ ଏହି ବୃତ୍ତି ବୁଡିବାକୁ ବସିଛି। ସରକାରୀସ୍ତରରେ ଏହି ଅବହେଳିତ ସମ୍ପ୍ରଦାୟର ଆର୍ଥିକ ବିକାଶ ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏମାନଙ୍କୁ ସାଧାରଣବର୍ଗ ଜାତି ତାଲିକାରେ ସମ୍ପୃକ୍ତ କରାଯାଇ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। କୁମ୍ଭାର ସମ୍ପ୍ରଦାୟର ବିକାଶ ଲାଗି ମାଟି କଳା ବୋର୍ଡ ଗଠନ, କୁମ୍ଭାର ଜାତିକୁ ଅନୁସୂଚିତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ସେମାନଙ୍କ ପାରମ୍ପରିକ ବୃତ୍ତିର ବିକାଶ ଲାଗି ଆଧୁନିକ ବିଦ୍ୟୁତ୍ ଚାଳିତ କୁମ୍ଭାର ଚକ ଓ ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇଦେବା ସକାଶେ ଦାବି କରାଯାଇଥିଲା। ସେହିପରି କୁମ୍ଭାର ଉନ୍ନୟନ ପରିଷଦ ପାଇଁ ବାରିପଦା ସହରରେ ଜାଗା ପ୍ରଦାନ କରିବା ସକାଶେ ସରକାରଙ୍କୁ ଆବେଦନ କରିବା ଲାଗି ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଚିତ୍ରଡା କୁମ୍ଭାର ସମାଜର ବରିଷ୍ଠ ସଦସ୍ୟ ବୈଶିଷ୍ଟ୍ୟ ବେହେରା, ରାଇରଙ୍ଗପୁର କୁମ୍ଭାର ସମାଜର ସଦସ୍ୟ ଅମୂଲ୍ୟ କୁମ୍ଭକାର, ବିଶୋଇ କୁମ୍ଭାର ସମାଜର ସଦସ୍ୟ ତ୍ରିଲୋକନାଥ ବେହେରା, ଶାମାଖୁଣ୍ଟା ବ୍ଲକ କୁମ୍ଭାର ସମାଜ ସଦସ୍ୟ ରାମ କୁମାର ବେହେରା, ପରିଷଦର ସଭାପତି ମେଘନାଦ ରାମ, ସଦସ୍ୟ ଶୋନୁ ରାମ, ରାଜେଶ ରାମ, ଅମିତ ରାମ, ସଞ୍ଜୟ ରାମ, ଜଗଜ୍ଜୀବନ ରାମ, ମନୋରଞ୍ଜନ ପ୍ରଜାପତି ଓ ଦୀପକ ରାମ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ ପରିଷଦର କର୍ମକର୍ତ୍ତା ଓ ପଦାଧିକାରୀ।

### ୩ ମାସ ହେଲା ପିଲା, ଗର୍ଭବତୀ ଓ ପ୍ରସୂତିଙ୍କୁ ମିଳୁନି ଖାଦ୍ୟ

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

କପ୍ତିପଦା,୨୯।୭(ଡି.ଏନ.ଏ)–

କପ୍ତିପଦା ବ୍ଲକ ଅଧୀନ ପିଙ୍ଗୁ ପଞ୍ଚାୟତ କାଳିଆସାହି ଅଙ୍ଗନୱାଡି କେନ୍ଦ୍ରରେ ଛାତ୍ରୀଛାତ୍ର, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଦୀର୍ଘ ୩ ମାସ ହେଲା ଖାଦ୍ୟ ପ୍ରଦାନ କରାଯାଇ ନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ଅଙ୍ଗନୱାଡି କର୍ମୀଙ୍କୁ ବାରମ୍ବାର ଅବଗତ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଏହାର ପ୍ରତିବାଦରେ ସୋମବାର ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ପରେ ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ପୁରୁଷ କପ୍ତିପଦା ଆସି ମହିଳା ଶିଶୁ ବିକାଶ ଅଧିକାରିଣୀ ମିତାରାଣୀ ବସା ଓ ବିଡିଓ ରବିନ୍ଦ୍ର କୁମାର ମଲ୍ଲିକ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି ଅନିୟମିତତାର ତଦନ୍ତ କରାଯିବା ସହ ଅଙ୍ଗନୱାଡି କର୍ମୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ନୂତନ କର୍ମୀ ନିଯୁକ୍ତି କରିବାକୁ ସେମାନେ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୭ ଜୁନ ମାସରେ ଉକ୍ତ କର୍ମୀଙ୍କ ବିରୋଧରେ ଏଭଳି ଅଭିଯୋଗ ହୋଇଥିଲା। ସେ ସମୟରେ ସେ କର୍ତ୍ତବ୍ୟ ଠିକ୍ ଭାବେ କରିବା ସହିତ କୌଣସି ଅନିୟମିତତାରେ ସଂଶ୍ଳିଷ୍ଟ ହେବେ ନାହିଁ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୩ ମାସ ହେଲା ଛାତ୍ରୀଛାତ୍ର, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଖାଦ୍ୟ ନ ଦେବା କାରଣରୁ ସଂପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ୱାର୍ଡସଭ୍ୟା ସରସ୍ୱତୀ ମୁର୍ମୁ, ସୁନି ସରେନ, ପାର୍ବତୀ ଟୁଡୁ, ବୁଧୁନି ମୁର୍ମୁ, ଫୁଲ ସରେନ, ରମଣୀ ସରେନ, ମାଲ ମାରାଣ୍ଡି ଓ ଜବା ଟୁଡୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କପ୍ତିପଦା ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମିତାରାଣୀ ବସାଙ୍କୁ ପଚାରିବାରୁ ଅଭିଯୋଗ ପାଇଛି ଓ ଅଙ୍ଗନୱାଡି କର୍ମୀଙ୍କ ଅବହେଳାରୁ ଏପରି ସମସ୍ୟା ମୁଣ୍ଡ ଟେକିଛି। ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବି ବୋଲି କହିଛନ୍ତି।

# ପ୍ରଶାସନର ଦ୍ୱାରସ୍ଥ ହେଲେ ଭୂମିହୀନ ପରିବାର


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭୂମିହୀନ।

ଉଦଳା,୨୯।୭(ଡି.ଏନ୍.ଏ.)–

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ କୁଆମରା ଗ୍ରାମରେ ଦୀର୍ଘଦିନ ହେଲା ବସବାସ କରି ଆସୁଥିବା ଭୂମିହୀନ ପରିବାରବର୍ଗଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ସରକାରୀ ଜମି ଯୋଗାଇ ଦେବା ନିମନ୍ତେ ଦାବି ହୋଇଛି। ସୋମବାର କୁଆମରା ଗ୍ରାମର ପ୍ରାୟ ୩୦ରୁ ଅଧିକ ମହିଳା ପୁରୁଷ ଉଦଳା ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଭୂମିହୀନମାନଙ୍କୁ ୪ ଡିସିମିଲ ଘରଡିହ ଯୋଗାଇ ଦିଆଯାଉଥିବା ବେଳେ କୁଆମରା ଗ୍ରାମର ଭୂମିହୀନ ପରିବାରଗୁଡିକୁ ଘରଡିହ ଯୋଗାଇ ଦିଆଯାଇନାହିଁ ଫଳରେ ଏହି ପରିବାରବର୍ଗ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ପରିବାରଗୁଡିକୁ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିପାରୁନାହିଁ। ବିଶେଷକରି ପରିବାର ମୁଖ୍ୟଙ୍କ ନାମରେ ଘରଡିହ ଏବଂ ଜମି ନ ଥିବା କାରଣରୁ ସେମାନଙ୍କ ଝିଅ ପୁଅମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଥିନେଇ ଗୋପବନ୍ଧୁନଗର ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମର ୱାର୍ଡସଭ୍ୟା ସରସ୍ୱତୀ ସିଂ କହିଛନ୍ତି। ଏସମ୍ପର୍କରେ ସୋମବାର ଉପଜିଲାପାଳଙ୍କୁ ଭେଟି ଗ୍ରାମବାସୀ ଦାବିପତ୍ର ଦେଇଛନ୍ତି। ଉପଜିଲାପାଳ ଭଗବାନ ବେହେରା ଗୋପବନ୍ଧୁନଗର ତହସିଲଦାରଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି।

# ସୀମାରାଣୀ ସିଂଙ୍କୁ ସମ୍ବର୍ଦ୍ଧନା

ବାରିପଦା ଅଫିସ,୨୯।୭–

ତୁଳସୀଚୌରାସ୍ଥିତ ବିର୍ସାମୁଣ୍ଡା ମେମୋରିଆଲ କ୍ଲବ ଓ ମୁଣ୍ଡାରୀ ମହିଳା ସଂଗଠନ ମିଳିତ ଉଦ୍ୟମରେ ଏକ ସଭା କ୍ଲବର ସଭାପତି ନରେଶ ଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ ହାଉସ୍‌ର ଉତ୍ତରୋତ୍ତର ଉନ୍ନତି, ଆସନ୍ତା ଅଗଷ୍ଟ ୯ରେ ବିଶ୍ୱ ଆଦିବାସୀ ଦିବସ, ସ୍ୱାଧୀନତା ଦିବସ ଆଦି ପାଳନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ତାମିଲନାଡୁ, ଭୁବନେଶ୍ୱର, ଜାମସେଦପୁର, କୋଏମ୍ବାଟୁର, ଜମ୍ମୁ ଓ ଲକ୍ଷ୍ନୌଠାରେ ଅନୁଷ୍ଠିତ ସର୍ବଭାରତୀୟ ଜୁନିୟର ଶକ୍ତି ଉତ୍ତୋଳନ ଚମ୍ପିୟନଶିପ୍‌ରେ ମୟୂରଭଞ୍ଜ ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଭୋଲଗଡିଆ ଗ୍ରାମର ସ୍ୱର୍ଗତ ଶଙ୍କର ସିଂଙ୍କ ଝିଅ ସୀମାରାଣୀ ସିଂ (୨୪ ବର୍ଷ ) ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଉତ୍ତମ ଖାଦ୍ୟ ପାଇଁ ମହିଳା ସଂଗଠନର ସମ୍ପାଦିକା ପଙ୍କଜିନୀ ସିଂ ଓ ସଭାପତି ଲଳିତା ସିଂଙ୍କ ଉଦ୍ୟମରେ ସଂଗୃହୀତ ୬ ହଜାର ଟଙ୍କାର ଆର୍ଥିକ ସହାୟତା ମୁଖ୍ୟଅତିଥି ଅନନ୍ତ ଦାସଙ୍କ ଦ୍ୱାରା ସୀମାରାଣୀଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ମୁଣ୍ଡା ସମାଜର ଉପସଭାପତି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶିବପ୍ରସାଦ ସିଂ ଓ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବଳରାମ ସିଂ, ରାମେଶ୍ୱର ସିଂ, ମନୋଜ କୁମାର ମୁଣ୍ଡା, ବାଇଧର ସିଂ, ଶରତଚନ୍ଦ୍ର ସିଂ, ଡୁଗୁରୁ ସିଂ, ରତ୍ନାକର ସିଂ, ବଙ୍କିମ ଚନ୍ଦ୍ର ସିଂ, ଜିତେନ କୁମାର ସିଂ, ଗୁରୁପ୍ରସାଦ ସିଂ, ବାଉଲା ସିଂ, ମଙ୍ଗଳ ଚରଣ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଭାର ସଫଳତା ପାଇଁ କ୍ଲବର କୋଷାଧ୍ୟକ୍ଷ ହରିହର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଡିକାଲ କଲେଜ ସମସ୍ୟା ନେଇ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧି ଦଳ ।

ବାରିପଦା ଅଫିସ,୨୯।୭

ମୟୂରଭଞ୍ଜ ଜିଲାରେ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଏବେ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏଭଳି ଅଭିଯୋଗ କରିଛି ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା। ଜିଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଗଠନ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ ଗତ ୩ ମାସ ମଧ୍ୟରେ ୧୩ ଜଣ ପ୍ରସୂତି ମହିଳା ଏବଂ ୧୧୮ ଶିଶୁ ମୃତ୍ୟୁବରଣ କରିଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳା ଓ ରୋଗୀଙ୍କ ପ୍ରତି କର୍ମଚାରୀଙ୍କ ଦୁର୍ବ୍ୟବହାର ଘଟଣା ସବୁବେଳେ ନଜରକୁ ଆସୁଛି। ମହିଳା ଓ ଶିଶୁମାନଙ୍କୁ ଏକ ସ୍ୱାସ୍ଥ୍ୟକର ପରିବେଶରେ ଚିକିତ୍ସା କରିବା ପରିବର୍ତ୍ତେ ଶଯ୍ୟା ଅଭାବରୁ ବାରଣ୍ଡାରେ ଚିକିତ୍ସା କରାଯାଉଛି। ସେହିପରି ଜିଲାରେ ଥିବା ସମସ୍ତ ଚିକିତ୍ସାଳୟ ପାଇଁ ୭୫ଟି ଆମ୍ବୁଲାନ୍ସ ଥିବା ବେଳେ ଏଥିରୁ ୧୩ଟି ଅଚଳ ହୋଇପଡିଛି। ଫଳରେ ରୋଗୀମାନେ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ମୟୂରଭଞ୍ଜ ଜିଲା ଏକ ବଣପାହାଡ ଘେରା ଅଞ୍ଚଳ ହୋଇଥିବା ବେଳେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ରୋଗୀଙ୍କ ମୃତ୍ୟୁ ହେଉଥିବା ନଜିର ରହିଛି। ସେହିପରି ମେଡିକାଲ କଲେଜର ମଦର ଓ ଚାଇଲ୍ଡ ହସ୍ପିଟାଲ କୋଠାର ୨ଟି କୋଠା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇ ନାହିଁ। ମେଡିକାଲ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଅବ୍ୟବସ୍ଥାଗୁଡିକୁ ବିଚାରକୁ ନେଇ ତୁରନ୍ତ ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରିବାକୁ ମୋର୍ଚ୍ଚା ଦାବି କରିଛି।

# ବଡସାହି ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ବଡସାହି,୨୯।୭(ସ୍ୱ.ପ୍ର/ଡି.ଏନ୍.ଏ.)–

ବଡସାହି ଉଚ୍ଚ ବିଦ୍ୟାଳୟର ୬୫ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଦେବବ୍ରତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ, ଅବସରପ୍ରାପ୍ତ ଶିକ୍ଷକ ରଣଜିତ ଦାସ, ନିଶିକାନ୍ତ ଦଣ୍ଡପାଟ, ବିଜୟ ଗୋଛାୟତ, ବିରଞ୍ଚି ନାରାୟଣ ପତି, ୧୪ ଓଡ଼ିଶା ଏନ୍‌ସିସିର ସୁବେଦାର ଶୁଶିଲ ସିଂହ, ହାବିଲଦାର ତାପସ ଗିରି, ପରିଚାଳନା ସମିତି ସଦସ୍ୟ ମନୋଜ ବେହେରା, ଅଜୟ ବେହେରା, କଳାକାର ବେଣୁଧର ଜେନା, ସିଆର୍‌ସିସି ସନ୍ତୋଷ ବିଶ୍ୱାଳ, ବିଶିଷ୍ଟ ବ୍ୟବସାୟୀ ପ୍ରଦୀପ କୁମାର ବେହେରା, ମନୋରଞ୍ଜନ ବେହେରା ଯୋଗଦାନ କରି ସ୍କୁଲର ଗୌରବମୟ ଇତିହାସର ସ୍ମୃତି ରୋମନ୍ଥନ କରିଥିଲେ। ଶିକ୍ଷକ ରାଜେନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗୀତ, କୁଇଜ୍, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ରାଧାରାଣୀ ଟ୍ରଷ୍ଟ ଫଣ୍ଡ, ଅନାଦି ଦାସ ଟ୍ରଷ୍ଟ ଫଣ୍ଡ, ସାଧବାଣୀ ଟ୍ରଷ୍ଟ ଫଣ୍ଡ, ପ୍ରଦୀପ ବେହେରା ଟ୍ରଷ୍ଟ ଫଣ୍ଡ, ସାବିତ୍ରୀ ଦେବୀ ଟ୍ରଷ୍ଟ ଫଣ୍ଡ ତରଫରୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ପରମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।


ପ୍ରତିଷ୍ଠା ଦିବସ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜାତୀୟ ପୋଷ୍ଟର ଅଙ୍କନ ପ୍ରତିଯୋଗିତାରେ ବାରିପଦା ଚିତ୍ରଶିଳ୍ପୀଙ୍କ କୃତିତ୍ୱ

ବାରିପଦା ଅଫିସ,୨୯।୭

ବିଶ୍ୱ ହେପାଟାଇଟିସ-ବି ଦିବସ ଉପଲକ୍ଷେ କଟକସ୍ଥିତ ଗ୍ୟାଷ୍ଟ୍ରୋଏଣ୍ଟରଲୋଜି ଫାଉଣ୍ଡେଶନ ପକ୍ଷରୁ ଜାତୀୟସ୍ତରୀୟ ପୋଷ୍ଟର ଅଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଭୁବନେଶ୍ୱରର ଏକ ହୋଟେଲରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାରିପଦାର ଅଗ୍ରଣୀ ଚିତ୍ରକଳା ଅନୁଷ୍ଠାନ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍‌ଟସର ମୋଟ ୮ ଜଣ ଚିତ୍ରଶିଳ୍ପୀ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ସବ-ଜୁନିୟର ବିଭାଗରେ ପ୍ରିୟାଂଶୀ ବେହେରା, ଜ୍ୟୋତିକ୍ରିଷ୍ଣା ଦାସ ଓ ଦିବ୍ୟସାଇ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ବେଳେ ଦିବ୍ୟାଂଶୀ ନନ୍ଦିନୀ ମହାନ୍ତ ସ୍ୱାନ୍ତନାମୂଳକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ସିନିୟର ବିଭାଗରେ ସୁମନା ଗିରି, ଚିତ୍ତରଞ୍ଜନ ମହାନ୍ତ ଓ ଆରାଚାନ୍ଦ ସୋରେନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଜୁନିୟର ବିଭାଗରେ ସଦିଚ୍ଛା ମହାନ୍ତ ସ୍ୱାନ୍ତନାମୂଳକ ପୁରସ୍କାର ପାଇଛନ୍ତି। ସ୍କୁଲର ପ୍ରତିଷ୍ଠାତା ନିର୍ଦ୍ଦେଶକ ଚିତ୍ରଶିଳ୍ପୀ ଶ୍ୟାମ ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଚିତ୍ରଶିଳ୍ପୀମାନେ ପୋଷ୍ଟର ତିଆରି କରିଥିଲେ।


କୃତୀ ଚିତ୍ରଶିଳ୍ପୀମାନେ ।

# ହଜିଯାଉଛି ପୁରୁଣା କୃଷି ସଂସ୍କୃତି

ବଡସାହି,୨୯।୭(ସ୍ୱ.ପ୍ର)

ବିଜ୍ଞାନ ଯୁଗରେ ଆଧୁନିକତାର ଦ୍ୱାହି ଦେଇ ମଣିଷ ପୁରାତନ ଜିନିଷ ଗୁଡିକୁ କ୍ରମଶଃ ପାଶୋରିବାକୁ ବସିଛି। ଚାଷ କାର୍ଯ୍ୟରେ ବ୍ୟବହାର ହେଉଥିବା କାଠରେ ନିର୍ମିତ ବିଭିନ୍ନ ଯନ୍ତ୍ରପାତି ଏବେ ଅଲୋଡା ହେବାକୁ ବସିଛି। ଏବେ ତାହାର ସ୍ଥାନ ଲୁହା ଲଙ୍ଗଳ, ଟ୍ରାକ୍ଟର ଓ ଅତ୍ୟାଧୁନିକ ଇଞ୍ଜିନଗୁଡିକ ମାଡି ବସିଛି। ଫଳରେ ପୂର୍ବରୁ ଚାଷ କାମରେ ବ୍ୟବହାର ହେଉଥିବା ସାମଗ୍ରୀ ଘରର ପଛ ପାର୍ଶ୍ୱରେ ଅଦରକାରୀ ଭାବେ ପଡିରହିଛି। ପୁରୁଣା କୃଷି ସଂସ୍କୃତି ହଜିଯାଉଛି।

ମୟୂରଭଞ୍ଜ ଜିଲା ବଡସାହି ବ୍ଲକର ଉଭୟ ପାର୍ଶ୍ୱରେ ରହିଛି ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀ। ନଦୀନାଳ ଘେରା ଏହି ଅଞ୍ଚଳରେ ମୁଖ୍ୟତଃ ଧାନ ଚାଷ କରାଯାଇଥାଏ। ୩୦ଟି ପଞ୍ଚାୟତର ୨୨ ହଜାର ୮୬ କୃଷକ ଧାନ ଚାଷ ଉପରେ ନିର୍ଭର କରି ଚଳନ୍ତି। ଯନ୍ତ୍ର ସଭ୍ୟତାର ବିକାଶ ପରେ କୃଷିରେ ଉନ୍ନତି ଆସିବାରୁ ପୁରୁଣା ଦିନର ଚାଷ ପଦ୍ଧତିଠାରୁ ଚାଷୀମାନେ ମଧ୍ୟ ଦୂରେଇ ଗଲେଣି। ପୂର୍ବରୁ ଚାଷୀମାନେ ଚାଷ ଜମିରେ ହଳ କରିବା ପାଇଁ କାଠ ଲଙ୍ଗଳ ବ୍ୟବହାର କରୁଥିଲେ। ଲଙ୍ଗଳ ମୁନରେ ଲୁହା ଲାଗୁଥିବା ବେଳେ ଲଙ୍ଗଳ, ଈଶ, ଜୁଆଳି, ମଇ ଓ ପେଚକୀଳା ଆଦି ସମସ୍ତ ଉପକରଣ କାଠରେ ତିଆରି ହେଉଥିଲା। ଶୁଖିଲା ଓ କାଦୁଅ ହଳ କରିବା ପାଇଁ ବଳଦଙ୍କ କାନ୍ଧରେ ଜୁଆଳି ଲଗାଇ ହଳ କରାଯାଉଥିଲା। ହଳ କରିବା ପରେ ମଇ ଦେଇ ମାଟିକୁ ସମତୁଲ କରାଯାଉଥିଲା। ଲୁହା ଲଙ୍ଗଳ ଓ ଟ୍ରାକ୍ଟର ହଳର ବ୍ୟବହାର ବଢିବା ପରେ ଦେଶୀ ଲଙ୍ଗଳର ଚାହିଦା କମିଯାଇଛି। କେତେକ ଚାଷୀଙ୍କ ଘରବାରିରେ ପୁରୁଣା ଦିନର ସ୍ମୃତି ଲଙ୍ଗଳ ଓ ମଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଦିନକୁ ଦିନ କାଠର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଏହି ସବୁ ସାମଗ୍ରୀଗୁଡିକର ମରାମତି କରାଯାଇପାରୁ ନାହିଁ ବୋଲି ମୈତ୍ରାପୁର ଗ୍ରାମର ଚାଷୀ ମନୋରଞ୍ଜନ ମହାନ୍ତ ପ୍ରକାଶ କରିଛନ୍ତି। ସେହିପରି ପୂର୍ବରୁ ଦିନ ମଜୁରିଆ ଭାବେ ହଳ କରି ପରିବାର ଭରଣ ପୋଷଣ କରାଯାଉଥିଲା। ଏବେ ଟ୍ରାକ୍ଟର ଯୋଗେ କମ ସମୟରେ ଭଲ ହଳ ହେଉଥିବାରୁ ବଳଦ ଯୋଡି ହଳ କରିବା କମିଯାଇଛି। କାଁଭାଁ ବଳଦ ଯୋଡି ହଳ କରାଯାଉଛି। ଫଳରେ ଯୁବକମାନେ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଇଯାଉଛନ୍ତି। ବାଘମରା ଗ୍ରାମର ଚାଷୀ ସନ୍ତୋଷ ନାଏକ କୁହନ୍ତି, ଅକ୍ଷୟ ତୃତୀୟାଠାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇ ଭାଦ୍ରବ ମାସରେ ଶେଷ ହେଉଥିଲା। ବଳଦ ଯୋଡି ହଳ କରିବା ସମୟ ସାପେକ୍ଷ। ପାଣିପାଗର ପରିବର୍ତ୍ତନ ଯୋଗୁଁ ଚାଷୀମାନେ ଅତ୍ୟାଧୁନିକ କଳ ଲଙ୍ଗଳ ଉପରେ ଭରସା କରି ଚାଷ କାମ କରୁଛନ୍ତି। ଆଗରୁ ଚାଷ କାର୍ଯ୍ୟ ସରିବା ପରେ ଚାଷୀମାନେ ହଳ ଲଙ୍ଗଳକୁ ପୂଜା କରି ଘରେ ସାଇତି ରଖୁଥିଲେ। ମାତ୍ର କଳ ଲଙ୍ଗଳର ବ୍ୟବହାର ଯୋଗୁଁ ଚାଷୀମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ପାଶୋରିବାକୁ ବସିଛନ୍ତି। କଳ ଲଙ୍ଗଳ ଓ ଲୁହା ଲଙ୍ଗଳର ବ୍ୟବହାର ଯୋଗୁଁ ଚାଷ ଅଧିକ ସୁବିଧା ଓ ଲାଭ ଜନକ ହୋଇପାରୁଛି ବୋଲି କୃଷି ଅଧିକାରୀ ସରୋଜ ମହାପାତ୍ର ପ୍ରକାଶ କରିଛନ୍ତି।


ଲଙ୍ଗଳ, ଜୁଆଳି ସହ ଚାଷୀ।

## ସଂକ୍ଷେପରେ

### ଆବାସ ଯୋଜନାରେ ଚାଞ୍ଚଲ୍ୟକର ଅଭିଯୋଗ

**ଭଦ୍ରକ ଅଫିସ, ୨୯।୭:** ଭଦ୍ରକ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୭ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ବିଡିଓ ଉମେଶ ମଲ୍ଲିକ, ତହସିଲଦାର ପ୍ରଦୀପ ସାହୁଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଚାନ୍ଦବାଲି ବ୍ଲକ ନଳଗୋହିରା ପଞ୍ଚାୟତ ଅଧୀନ କରଣପୋଖରୀ ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେତେକ ମୁଷ୍ଟିମେୟ ବ୍ୟକ୍ତି ଜିଆର୍‌ଏସ୍ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାତେଇ ପୁରୁଣା ଘର ଏପରିକି ପକ୍କାଘର ଥିବା ବ୍ୟକ୍ତିଙ୍କୁ ସାମିଲ କରାଇ ଟଙ୍କା ହରିଲୁଟ୍ କରୁଥିବା ଅଭିଯୋଗ ହୋଇଥିଲା। ନିର୍ଦ୍ଦିଷ୍ଟ ଭାବେ ଜଣେ ମହିଳା ପକ୍କାଘର ଥାଇ ମଧ ଆବାସ ଯୋଜନାରେ ଟଙ୍କା ଉଠାଣ କରିନେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଅତିରିକ୍ତ ଜିଲାପାଳ ମିଶ୍ର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ଦୁର୍ଘଟଣାରେ ପୂର୍ବତନ ସମିତିସଭ୍ୟ ଗୁରୁତର

**ବାସୁଦେବପୁର, ୨୯।୭ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଗଙ୍ଗାଧର ଘଡ଼େଇ(୭୮) ସୋମବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗଙ୍ଗାଧର ଇରମ ବଜାରରୁ ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ସେ ଜଣେ ଲୋକପ୍ରିୟ ବ୍ୟକ୍ତି ହୋଇଥିବାବେଳେ ବିଭିନ୍ନ ମହଲରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

### ନୃସିଂହ ଚରଣଙ୍କ ପରଲୋକ

**ବନ୍ତ, ୨୯।୭ (ଡି.ଏନ.ଏ.):** ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ସାହାଡ଼ାପଲ୍ଲୀ ଗ୍ରାମର ବିଶିଷ୍ଟ ସମାଜସେବୀ ନୃସିଂହ ଚରଣ ପଣ୍ଡା(୬୬)ଙ୍କର ସୋମବାର ସକାଳେ ପରଲୋକ ଘଟିଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ସେ ୧୦ ବର୍ଷ ଧରି ନିଳୋକ ହାଇସ୍କୁଲ ପରିଚାଳନା କମିଟିର ସଭ୍ୟ ରହିଥିଲେ। ତାଙ୍କ ଉଦ୍ୟମରେ ବେଗନା ମଧ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୧୯୯୫ ମସିହାଠାରୁ ସେ ନିଳୋକସ୍ଥିତ ମା’ ବଉଳାଶୁଣୀ ଯାତ୍ରା କମିଟି ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ।

# ଭିତ୍ତିଭୂମି ଅଭାବରୁ ଶ୍ରୀହୀନ ଶିକ୍ଷାନୁଷ୍ଠାନ

**ଧାମନଗର ୨୯।୭(ଡି.ଏନ.ଏ.)**



ପୂର୍ବଫଳପୁର ବିଦ୍ୟାଳୟ ମଧରେ ରାସ୍ତା ବନ୍ଦ ଲାଗି ଗାତ ଖୋଳାଯାଉଛି।

- **ଭୁଶୁଡ଼ି ପଡ଼ିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା**
- **୨ଟି କୋଠରିରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର**
- **ପ୍ରଶାସନ ଶୁଣିଲାନି, ହତା ମଧରେ ରାସ୍ତାକୁ ବନ୍ଦ କଲେ ଗ୍ରାମବାସୀ**

ପ୍ରାଥମିକ ଶିକ୍ଷାକୁ ମୌଳିକ ଅଧିକାରଭୁକ୍ତ କରାଯାଇଥିଲେ ବି ଭିତ୍ତିଭୂମି ଅଭାବରୁ ଗ୍ରାମାଞ୍ଚଳର ଅନେକ ଶିକ୍ଷାନୁଷ୍ଠାନ ଥାଇ ନ ଥିଲା ପରି ଚାଲିଛି। ଗରିବ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ପଠାଉଥିଲେ ମଧ ସେମାନେ ପାଠ ପଢ଼ିପାରୁ ନାହାନ୍ତି। ଏଥିଲାଗି ଅନେକ ଅଭିଭାବକ ପିଲାଙ୍କୁ ଘରୋଇ ସ୍କୁଲରେ ପଢ଼ାଇବାକୁ ପସନ୍ଦ କରୁଛନ୍ତି। ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରୀଛାତ୍ର ଅଭାବ ଭଳି ସମସ୍ୟା ଯୋଗୁ କ୍ରମେ ଶ୍ରୀହୀନ ହେବାରେ ଲାଗିଛି। ବର୍ଷ ବର୍ଷ ଧରି ସମସ୍ୟା ଲାଗି ରହିଥିଲେ ମଧ ଶିକ୍ଷା ବିଭାଗ ନୀରବଦ୍ରଷ୍ଟା ସାଜିଛି।

ଭଦ୍ରକ ଜିଲା ଧାମନଗର ବ୍ଲକ ଭଇଁସାହି ପଞ୍ଚାୟତରେ ଥିବା ପୂର୍ବ ଫଳପୁର ନୋଡାଲ ୟୁପି ବିଦ୍ୟାଳୟକୁ ଏହାର ଏକ ନମୁନା ଭାବେ ନିଆଯାଇପାରେ। ଭିତ୍ତିଭୂମିର ବିକାଶ ଦୂରେ ଥାଉ ଏହାର ପରିସର ଅତ୍ୟନ୍ତ ଅସୁରକ୍ଷିତ ହୋଇପଡ଼ିଛି। ଏହାର ପାଚେରି ନ ଥିବାବେଳେ ଦୁଇ ଶ୍ରେଣୀଗୃହ ମଝି ଦେଇ ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଥିବା ଏବଂ ସେହି ରାସ୍ତାରେ ଗାଡ଼ି ଚଳାଚଳ କରୁଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ବାଜିରେ ଲାଗିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପ୍ରତିକାର ହେଉ ନାହିଁ। ଶ୍ରେଣୀଗୃହ ବାରଣ୍ଡାରେ ମଧ୍ୟାହ୍ନ ଭୋଜନ ଖାଇବା ସମୟରେ ସାଧାରଣ ଲୋକଙ୍କ ଯାତାୟାତ ଓ ଛାତ୍ରୀଛାତ୍ରଙ୍କ ଖେଳଛୁଟି ଖେଳକୁଦ ବେଳେ ଯାନାବାହାନ ଚଳାଚଳ କରୁଥିବାରୁ ଶିକ୍ଷୟିତ୍ରୀଶିକ୍ଷକମାନେ ଏହାକୁ ନିରାପଦ ମଣୁ ନାହାନ୍ତି। ସୋମବାର ପ୍ରଧାନଶିକ୍ଷୟିତ୍ରୀ ମନୋରମା ମହାନ୍ତିଙ୍କ ଅଭିଯୋଗ କ୍ରମେ କେତେକ ଗ୍ରାମବାସୀ ଉକ୍ତ ରାସ୍ତା ମଝିରେ ଏକ ପକ୍କାପିଲାର ବସାଇ ଭାରିଯାନ ଯାତାୟାତକୁ ବନ୍ଦ କରିଥିବା ଜଣାପଡ଼ିଛି।

ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପ୍ରଶାସନର ସ୍ଥାଣୁତା ଯୋଗୁ ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗିରହିଛି। ୧୯୮୧ରୁ ସ୍ଥାପିତ ଏହି ବିଦ୍ୟାଳୟରେ ନଦୀଗାଁ ଏବଂ ଭଇଁସାହି ଦୁଇ ପଞ୍ଚାୟତର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ମାତ୍ର ୨ଟି ଶ୍ରେଣୀ ଗୃହ ରହିଛି। ଫଳରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ଏହି ଦୁଇ କୋଠରିରେ ବସି ପାଠ ପଢୁଛନ୍ତି। ବିଦ୍ୟାଳୟର ପାଚେରି ନିର୍ମାଣ ପାଇଁ ସରକାର ଗାଇଡ ଲାଇନ ଜାରି କରିଥିଲେ ମଧ ଏହାକୁ ପାଳନ କରାଯାଉ ନାହିଁ। ଶ୍ରେଣୀଗୃହ ଓ ରୋଷେଇ ଘର ନିର୍ମାଣ ଲାଗି ୩ ଥର ଅର୍ଥ ଆସି ଫେରିଯାଇଥିବା କୁହାଯାଉଛି। ଏସବୁ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବିଇଓ ଏବଂ ଜିଲାପାଳଙ୍କୁ ଅବଗତ କରାଇବା ଲାଗି ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ବିଦ୍ୟାଳୟ ନାମରେ ୮ ଡିସିମିଲ ଜମି ଥିବା ସତ୍ତ୍ୱେ ମାତ୍ର ଦୁଇଟି ଶ୍ରେଣୀଗୃହ ବ୍ୟବସ୍ଥା କାହିଁକି କରାଯାଇଛି ତାହାର ଉତ୍ତର କାହାଠାରୁ ମିଳୁ ନାହିଁ। ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଶ୍ରେଣୀ ଗୃହ ଛାତରୁ ପଲସ୍ତରା ଖସି ବର୍ଷାପାଣି ଗଳୁ ଥିବାରୁ ଏବେ ୧୨୫ ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀଗୃହରେ ବସି ପାଠ ପଢୁଥିବା ଅଭିଭାବକ କହିଛନ୍ତି। ପୁରୁଣା ଶୌଚାଳୟ ମଧ ନଷ୍ଟ ହୋଇଯାଇଛି। ରୋଷେଇ ଘର ନ ଥିବାରୁ ଶ୍ରେଣୀଗୃହକୁ ଲାଗି ବରଡା ତାଟି ଓ ପାଲ ପକାଇ ଅପରିଷ୍କାର ପରିବେଶରେ ରୋଷେଇ କାର୍ଯ୍ୟ କରାଯାଉଛି। ପ୍ରଶାସନିକ ସ୍ତରରେ ଆନ୍ତରିକତା ଅଭାବ ଏବଂ ରାଜନୀତି ଚକ୍ରବ୍ୟୂହରେ ଏହି ଶିକ୍ଷାନୁଷ୍ଠାନ ପେଶି ହୋଇଯାଇଛି। ଏହାର ପ୍ରତିକାର ନ ହେଲେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ହିତାଧିକାରୀ ଚୟନରେ ଅନିୟମିତତା

**ତିହିଡ଼ି, ୨୯।୭ (ଡି.ଏନ.ଏ.)**

**ଗୋଟିଏ ପରିବାରର ୪ ସଦସ୍ୟ ସାମିଲ ଅଭିଯୋଗ**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ନୂଆନନ୍ଦ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। ପଞ୍ଚାୟତବାସୀ ସୋମବାର ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଗୋଟିଏ ପରିବାରର ୪ ସଦସ୍ୟ ଏବଂ ପୂର୍ବରୁ ଇନ୍ଦିରା ଆବାସ ପାଇଥିବା ହିତାଧିକାରୀଙ୍କୁ ଚୟନ କରାଯାଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ତଦନ୍ତ କରି ଯୋଗ୍ୟ ହିତାଧିକାରୀ ଚୟନର ବ୍ୟବସ୍ଥା କରାଇବାକୁ ସେମାନେ ଦାବି ଜଣାଇଛନ୍ତି।

ବର୍ଷକ ପୂର୍ବେ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଆବେଦନ ପରେ ଏହାର ସଂଖ୍ୟା ୫୬୫ ଥିଲା। ତତ୍କାଳୀନ ପଞ୍ଚାୟତ ଜିଆର୍‌ଏସ୍‌ଙ୍କ ତତ୍ତ୍ୱାବଧାନରେ ଏହି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ସଂଶୋଧନ କରାଯାଇ ୧୯୦ ହିତାଧିକାରୀଙ୍କୁ ତାଲିକାରେ ସ୍ଥାନିତ କରାଯାଇଥିଲା। ଦଳୀୟ ଭିତ୍ତିରେ ଏହି କାର୍ଯ୍ୟ କରାଯାଇଥିବାରୁ ଚାଳଘର ଥିବା ବହୁ ହିତାଧିକାରୀ ଏଥିରୁ ବାଦ୍ ପଡ଼ିଥିଲେ। ଅପରପକ୍ଷେ କୋଠାଘର ଥିବା ବ୍ୟକ୍ତି, ପୂର୍ବରୁ ଯୋଜନାରେ ସାମିଲ ହୋଇ ସାରିଥିବା ଏପରିକି ଗୋଟିଏ ପରିବାରର ୪ ସଦସ୍ୟଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ପରିତାପର ବିଷୟ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପଞ୍ଚାୟତର କରୁଣାକର ମଲିକ, ଅଶୋକ ମହାପାତ୍ର, ଭାଗୀରଥି ବୈୟାରୀ, ଡମ୍ବରୁଧର ସେଠୀ ଓ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଅଭିଯୋଗର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ବିଡିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଲୋକେ।

### ମେଗା ସ୍ୱାସ୍ଥ୍ୟ ଶିବିର: ୬୫୦ ରୋଗୀ ଚିକିତ୍ସିତ

**ଭଦ୍ରକ ଅଫିସ, ୨୯।୭**

ଆଦାନୀ ଗ୍ରୁପ, ବିଦ୍ୟୁତ୍‌ପ୍ରଭା ଗ୍ରାମ କମିଟି, ଦୋସିଙ୍ଗା ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲର ସହାୟତା କ୍ରମେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟୁତ୍‌ପ୍ରଭା ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଆୟୋଜିତ ଏହି ଶିବିରକୁ ସମାଜସେବୀ ଅନନ୍ତ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ପ୍ରାୟ ୬୫୦ ରୋଗୀଙ୍କୁ ଚିକିତ୍ସିତ କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ, ବୁଦ୍ଧିଜୀବୀ, ଆପୋଲୋ ହସ୍ପିଟାଲର ପ୍ରତିନିଧିମଣ୍ଡଳୀ, ଧାମରା ବନ୍ଦର ଏବଂ ଆଦାନୀ ଫାଉଣ୍ଡେଶନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଧାମରା ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆଗାମୀ ଦିନରେ କର୍କଟ ଓ ଚକ୍ଷୁ ସମ୍ବନ୍ଧୀୟ ଚିକିତ୍ସା କ୍ଷେତ୍ରରେ ସ୍ୱତନ୍ତ୍ର ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା।

> ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

## ସେଲ୍‌ଫି କର୍ଣ୍ଣର



ମଧୁ



ଜ୍ୟୋତିରଞ୍ଜନ



ସ୍ୱପ୍ନା



ଲିପୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଛଟେଇ ପ୍ରତିବାଦରେ ଧାରଣା: ବକେୟା ଦରମା ଦାବି

**ଭଦ୍ରକ ଅଫିସ, ୨୯।୭**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବାସୁଦେବପୁରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ଛଟେଇ ହୋଇଥିବା ଜଗୁଆଳ ତାଙ୍କ ପରିବାର ସହ ଧାରଣା ଦେଇଥିଲେ। ଜଗୁଆଳ ସାନକୃଷ୍ଣପୁର ଗାଁର ମହେଶ୍ୱର ଯେନା ଅଭିଯୋଗ କରିଛନ୍ତି ଯେ, ସେ ୨୦୧୬ରୁ ଏହି ବିଦ୍ୟାଳୟ ଆରମ୍ଭରୁ କାର୍ଯ୍ୟ କରିଆସୁଥିଲେ। ୧୭ ମାସର ବକେୟା ଦରମା ନ ଦେଇ ୬ ମାସ ହେଲା ତାଙ୍କୁ ଛଟେଇ କରିଦିଆଯାଇଛି। ସେ ଜିଲାପାଳ, ଏସ୍‌ପି, ଜିଲା ଶ୍ରମ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିଲାନି। କେଉଁ କାରଣରୁ ତାଙ୍କୁ ଛଟେଇ କରାଯାଇଛି ସେ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ। ଶେଷରେ ସେ ବାଧ ହୋଇ ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିବା କହିଥିଲେ। ସପ୍ତାହକ ମଧରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ମହେଶ୍ୱରଙ୍କ ପରିବାର ଧାରଣାରୁ ଉଠିଥିବା ଜଣାଯାଇଛି।

# ନିର୍ବାଚନ ସମୀକ୍ଷା ନୁହେଁ, କର୍ମୀଙ୍କୁ ଭେଟିବା ମୋର ଲକ୍ଷ୍ୟ: ନିରଞ୍ଜନ

**ବନ୍ତ, ୨୯।୭ (ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନ ପରେ ପ୍ରଥମ ଥର ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରବିବାର ବନ୍ତ ବ୍ଲକ ଗସ୍ତରେ ଆସିଥିଲେ। ବନ୍ତ ଚଣ୍ଡିପୁରଠାରେ ଆୟୋଜିତ ବୈଠକରେ ସେ ଯୋଗଦେଇ ନିର୍ବାଚନ ସମୀକ୍ଷା ପାଇଁ ନୁହେଁ, କର୍ମୀମାନଙ୍କୁ ଭେଟିବା ସହିତ ସେମାନଙ୍କୁ ବଧାଇ ଜଣାଇବାକୁ ଆସିଛି ବୋଲି କହିଥିଲେ। ଚଳିତ ନିର୍ବାଚନରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ଜନସାଧାରଣ ତାଙ୍କୁ ଅକୁଣ୍ଠ ଚିତ୍ତରେ ୬୨ ହଜାର ଭୋଟ ଦେଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀବାସୀଙ୍କ ପାଖରେ ରହି ସେମାନଙ୍କ ସୁଖଦୁଃଖରେ ସାମିଲ ହେବେ ବୋଲି ସେ କହିଥିଲେ। ଚଳିତ ନିର୍ବାଚନରେ ସେ କୌଣସି ଆସନରେ ପ୍ରତିଦ୍ୱନ୍ଦ୍ୱିତା ନ କରି ରାଜ୍ୟରେ ଦଳର ନିର୍ବାଚନ ପରିଚାଳନା କରିବେ ବୋଲି ଚିନ୍ତା କରିଥିଲେ। ପରବର୍ତ୍ତୀ ସମୟରେ ପରିସ୍ଥିତିରେ ପଡ଼ି ସେ ନିର୍ବାଚନ ଲଢ଼ିଥିଲେ। ବିଶେଷକରି ବ୍ଲକର ଆଗରପଡ଼ା ଅଞ୍ଚଳବାସୀ ତାଙ୍କୁ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ସକାଶେ ନିମନ୍ତ୍ରଣ କରିଥିଲେ ବୋଲି ସେ ପ୍ରକାଶ କରିଥିଲେ।

ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ ବୈଠକରେ ସଭାପତିତ୍ୱ କରିଥିଲେ। ଭଣ୍ଡାରିପୋଖରୀ କଂଗ୍ରେସ ନେତା ସୁବ୍ରତ କୁମାର ଦାସ, ୧୪ ନମ୍ବର ଜୋନ୍ ସଭାପତି ବିଜୟ କୁମାର ଜେନା, ୧୫ ନମ୍ବର ଜୋନ୍ ସଭାପତି ଅନନ୍ତ ଚରଣ ଦାଶ, ୧୬ ନମ୍ବର ଜୋନ୍ ସଭାପତି ନିରଞ୍ଜନ ମଲ୍ଲିକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ବରିଷ୍ଠ ନେତା ଆନନ୍ଦ ଚନ୍ଦ୍ର ଓଝା, ଅଶୋକ କୁମାର ସାହୁ, ସମିତିସଭ୍ୟା ସୁପ୍ରଭା ଦାସ ଓ ସରପଞ୍ଚ ସେକ୍ ମୁସ୍ତାକ୍ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଜ୍ୟୋତିରଞ୍ଜନ ନାୟକ, ସୌଭାଗ୍ୟ ରଞ୍ଜନ ନାୟକ ଓ ରତିକାନ୍ତ ଜେନା ପ୍ରମୁଖ ବୈଠକ ପରିଚାଳନାରେ ସହାୟତା କରିଥିଲେ।

# ଆରଡ଼ି ପୀଠରେ ଅସମ୍ଭାଳ ଭିଡ଼

## ବ୍ୟାରିକେଡ୍ ଭାଙ୍ଗିଲେ କାଉଡ଼ିଆ, ଠେଲାପେଲା

**ଆରଡ଼ି, ୨୯।୭(ଡି.ଏନ୍.ଏ.)**

ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରେ ଲକ୍ଷାଧିକ କାଉଡିଆ ଜଳଲାଗି କରିଛନ୍ତି। ରବିବାର ସକାଳରୁ ପୀଠ ଓ ପୀଠ ସନ୍ନିକଟ ମଠଡିହ, ତିନିତର, ମୁଆଁଘାଟ, ଧାନଖଣିଆ ଘାଟ ଆଦି ସ୍ଥାନ ଗେରୁଆମୟ ହୋଇଯାଇଥିଲା। ବୋଲ୍‌ବମ୍ ହର ହର ବମ୍ ଧ୍ୱନିରେ ପୀଠ ସମେତ ଏହି ସ୍ଥାନସବୁ ପ୍ରକମ୍ପିତ ହୋଇଥିଲା। ବେତାଳିଗାଁ, ମଠଡିହ, ଷାଠିବାଙ୍କୁଡା ଆଦି ସ୍ଥାନରେ କେତେକ ବଦାନ୍ୟ ବ୍ୟକ୍ତି ସକାଳଠାରୁ ରାତି ପର୍ଯ୍ୟନ୍ତ କାଉଡ଼ିଆମାନଙ୍କ ପାଇଁ ଖାଦ୍ୟପାନୀୟର ବ୍ୟବସ୍ଥା କରିଥିଲେ। ସେହିପରି ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ ସହ ସେମାନଙ୍କ ସେବାକାର୍ଯ୍ୟ କରାଯାଇଥିଲା। ଭିଡ଼କୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୀଠର ୩ କି.ମି. ଦୂର ମଠଡିହ ଓ କୁଳେଇପଦା ଛକଠାରୁ ବିଭିନ୍ନ ଯାନକୁ ଅଟକ ରଖାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।



ଜଳଲାଗି ପାଇଁ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି କାଉଡ଼ିଆ।

ମନ୍ଦିର ପ୍ରଶାସନର ନିଷ୍ପତ୍ତିକ୍ରମେ ରବିବାର ଅପରାହ୍ନ ୪ଟାରେ କାଉଡ଼ିଆମାନେ ମନ୍ଦିର ବେଢ଼ାରେ ଥିବା ଶ୍ରାବଣୀ ମହାଦେବଙ୍କ ମସ୍ତକରେ ଜଳ ଢାଳିଥିଲେ। ସନ୍ଧ୍ୟାଠାରୁ କାଉଡ଼ିଆଙ୍କ ସଂଖ୍ୟା ଅଧିକରୁ ଅଧିକ ହୋଇଥିଲା। ଲମ୍ବା ଧାଡ଼ି ହୋଇଥିବାରୁ ବହୁ କାଉଡ଼ିଆ ପୀଠର ଏଣେତେଣେ ପାଣି ଢାଳୁଥିବା ଦେଖିବାକୁ ମିଳିଥିଲା। କେତେକ କାଉଡ଼ିଆଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କାଉଡ଼ିଆମାନେ ଧାଡ଼ି ଭାଙ୍ଗି ବ୍ୟାରିକେଡ୍ ମଧକୁ ଧସେଇ ପଶିବାରୁ କେତେକ ସ୍ଥାନରେ ବ୍ୟାରିକେଡ ଭାଙ୍ଗି ଯାଇଥିଲା। ଏପରିକି ରବିବାର ରାତି ଓ ସୋମବାର ପୂର୍ବାହ୍ନରେ କାଉଡ଼ିଆଙ୍କ ଠେଲାପେଲା ପୋଲିସ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ପରେ ପୋଲିସ ପକ୍ଷରୁ ଶୃଙ୍ଖଳା ରକ୍ଷା କରାଯାଇଥିଲା। ପୂର୍ବ ସୋମବାରରେ ପୀଠରେ ଆଲୋକ ଅବ୍ୟବସ୍ଥା ଓ ଅଟୋ ଭଡ଼ା ୩ କି.ମି.କୁ ୪୦ରୁ ୫୦ଟଙ୍କା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶିତ ହେବା ପରେ ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଇଥିଲା। ବସ୍‌ଷ୍ଟାଣ୍ଡରେ ଥିବା ହାଇମାଷ୍ଟ ଲାଇଟ୍ ମରାମତି କରାଯିବା ସହ ଆଲୋକ ବ୍ୟବସ୍ଥା କରାଯାଇଥିଲା। ପୂର୍ବଥର ସ୍ଥାନୀୟ ମଠଡିହଠାରୁ ଆରଡ଼ି ପର୍ଯ୍ୟନ୍ତ କେତେକ ଅଟୋ ଭଡ଼ା ବାବଦରେ ୪୦ରୁ ୫୦ ଟଙ୍କା ନେଉଥିବା ଅଭିଯୋଗ ପରେ ଆରଡ଼ି ଫାଣ୍ଡି ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇ ୧୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ପୀଠରେ ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ, ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଆରଡ଼ି ଫାଣ୍ଡି ଅଧିକାରୀ ଦିନ ରାତି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲେ। ଏତେସଂଖ୍ୟକ କାଉଡ଼ିଆ ସୂଚାରୁରୂପେ ଜଳଲାଗି କରିଥିବାରୁ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ଧନ୍ୟବାଦ ଜଣାଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜୁଲାଇ ୩୦/୨୦୧୯ Balasore, Tuesday, July 30/2019

## ସଂକ୍ଷେପରେ

### ଜଳାଭିଷେକକୁ ବିରୋଧ, ଉତ୍ତେଜନା

**ଜଲେଶ୍ୱର,୨୯।୭ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଲେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ନାମ୍ପୋ ଗ୍ରାମସ୍ଥିତ ଶ୍ରୀ ତ୍ରିଲୋଚନେଶ୍ୱରଙ୍କ ଶିବ ମନ୍ଦିରରେ ଜଳାଭିଷେକ ଲାଗି ସୋମବାର ଭୋର ସମୟରେ କେତେକ କାଉଁଡ଼ିଆ ଆସି ପହଞ୍ଚିଥିଲେ। ସେଠାରେ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ବାଦବିବାଦ ଲାଗି ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟକ୍ତିଗତ ମାଲିକାନାରେ ଥିବା ମନ୍ଦିରରେ ଜଳାଭିଷେକ କରିବା ପ୍ରଥା ନାହିଁ ବୋଲି ସେବାୟତ ସୁଶୀଳ କୁମାର ପତି ଓ ରାମକୃଷ୍ଣ ପତି କାଉଁଡ଼ିଆଙ୍କୁ କହି ମନ୍ଦିରରେ ତାଲା ପକାଇ ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ଖବର ପାଇ ଜଲେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ, ଏଏସଆଇ ସତ୍ୟନାରାୟଣ ବଳ ସଦଳବଳେ ସେଠାରେ ପହଞ୍ଚିଥିଲେ। ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ସେବାୟତଙ୍କ ସହିତ ଆଲୋଚନା ପରେ କାଉଁଡ଼ିଆଙ୍କୁ ଦିନକ ଲାଗି ଜଳାଭିଷେକ କରିବା ସକାଶେ ଅନୁମତି ଦିଆଯାଇଥିଲା। ଏହାର ସ୍ଥାୟୀ ସମାଧାନ ନିମନ୍ତେ ମଙ୍ଗଳବାର ଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଆଇଆଇସି ପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ ଯେ, ଆଜକୁ ବହୁ ବର୍ଷ ପୂର୍ବେ ଜଣେ ଜମିଦାର ଏହି ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ମନ୍ଦିରରେ ସେବାପୂଜା କରି ଏହାର ରକ୍ଷଣାବେକ୍ଷଣ କରିବା ସକାଶେ ମନ୍ଦିର ନାମରେ ଥିବା ଧନସମ୍ପତ୍ତିକୁ ସେବାୟତଙ୍କ ଜିମାରେ ଦିଆଯାଇଥିଲା। ଚଡ଼କ ପର୍ବଠାରୁ ଆରମ୍ଭକରି ବିଭିନ୍ନ ପର୍ବପର୍ବାଣି ସମୟରେ ମନ୍ଦିରରେ ଏଭଳି ବିବାଦୀୟ ସ୍ଥିତି ସୃଷ୍ଟି ହେଉଥିବାରୁ ଏହାର ସ୍ଥାୟୀ ପ୍ରତିକାର ଲାଗି ଗ୍ରାମବାସୀ ଦାବି କରିଛନ୍ତି।

### ବିଷପିଇ ଯୁବକଙ୍କ ଆତ୍ମହତ୍ୟା

**ବାସୁଦେବପୁର, ୨୯।୭ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ରାଧାନାଥପୁର ଗ୍ରାମର ରତିକାନ୍ତ ସାହୁ ନାମକ ଯୁବକ ସୋମବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏ ନେଇ ବାସୁଦେବପୁର ଥାନାରେ ଅପମୃତ୍ୟୁ ମାମଲା(ନଂ.୨୮/୧୯) ରୁଜୁ ହୋଇଛି।

## ବାଲି ପରିବହନ ଧରପଗଡ଼କୁ ନେଇ ଅଡୁଆ

# ତହସିଲ ପ୍ରଶାସନ-ଟ୍ରକ୍ ମାଲିକ ସଂଘ ମୁହାଁମୁହିଁ

**ଜଲେଶ୍ୱର,୨୯।୭ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଲେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସୈରାତରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଠୁଳ କରି ରଖାଯାଉଛି। ପରେ ବିନା ଟ୍ରାନ୍‌ଜିଟ୍ ପାସରେ ଏହାକୁ ଅନ୍ୟତ୍ର ଚୋରା ଚାଲାଣ କରାଯାଉଛି। ରୟାଲଟି ଫାଙ୍କିବା ଉଦ୍ଦେଶ୍ୟରେ ଲୁଚାଛପାରେ ଏଭଳି ବାଲି ପରିବହନ କରାଯାଉଥିବା ସୂଚନାକୁ ଆଧାର କରି ଜଲେଶ୍ୱର ତହସିଲ ପକ୍ଷରୁ ଧରପଗଡ ଅଭିଯାନକୁ ଏକ ସପ୍ତାହ ହେବ ଜୋରଦାର କରାଯାଇଛି। ରବିବାର ଓ ସୋମବାର ୬ଟି ସ୍ଥାନରେ ଚଢାଉ କରାଯାଇ ୪ ଡମ୍ପର ଓ ୨ ଟ୍ରାକ୍ଟର ଜବତ ହୋଇଛି। ପ୍ରତି ଡମ୍ପରରୁ ୩୦ରୁ ୫୦ ଓ ଟ୍ରାକ୍ଟରରୁ ୧୫ରୁ ୨୫ ହଜାର ଟଙ୍କା ଜରିମାନ ଆଦାୟ କରି ଛାଡି ଦିଆଯାଇଛି। ଧରପଗଡ ଆଳରେ ସମ୍ପୃକ୍ତ ଅଞ୍ଚଳରେ ଅଯଥାରେ କୋକୁଆ ଭୟ ସୃଷ୍ଟି କରାଯାଉଛି ବୋଲି ଭୋଗରାଇ ଟ୍ରକ୍ ମାଲିକ ସଂଘ ଅଭିଯୋଗ କରିଛି। ଏହି ଘଟଣାକୁ ନେଇ ସୋମବାର ମଧ୍ୟାହ୍ନ ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ଅଭିମନ୍ୟୁ ପଣ୍ଡା ଓ ଟ୍ରକ ମାଲିକ ସଂଘର କେତେକ କର୍ମକର୍ତ୍ତା ଏକପ୍ରକାର ମୁହାଁମୁହି ହୋଇଥିଲେ। ଧରପଗଡ ବନ୍ଦ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତହସିଲ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଥିଲା। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଫୋର୍ସ ସାହାଯତାରେ ଚାଲିଥିବା ବେଆଇନ୍ ବାଲି ପରିବହନ ରୋକିବାକୁ ଚଢାଉ ଜାରି ରହିବ ବୋଲି ତହସିଲଦାର ରୋକ୍‌ଠୋକ୍ କହିଥିଲେ। ଏହାକୁ ନେଇ ତହସିଲ ପ୍ରଶାସନ ଓ ସଂଘ କର୍ମକର୍ତ୍ତା ମୁହାଁମୁହିଁ ହେବା ପରେ ସୂଚନା ପାଇ ଜଲେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ,ଏଏସଆଇ ସତ୍ୟନାରାୟଣ ବଳ ସଦଳବଳେ ସେଠାରେ ପହଞ୍ଚିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବେଆଇନ୍ ବାଲି ପରିବହନକୁ କୌଣସି ପ୍ରକାରେ ପ୍ରଶ୍ରୟ ଦିଆଯିବ ନାହିଁ ଏହି ଅବସରରେ ଜିଲାପାଳ ତାଙ୍କ ଅଧସ୍ତନ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।


ତହସିଲ କାର୍ଯ୍ୟାଳୟ ପରିସରରେ ଆଲୋଚନା ଚାଲିଛି।

## ନାବାଳିକା ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ଗିରଫ ନ କଲେ ଧାରଣା

**ଭଦ୍ରକ ଅଫିସ, ୨୯।୭**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ମାସକ ତଳେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପୀଡ଼ିତା ନାବାଳିକାଙ୍କ ଅଭିଯୋଗକୁ ଭିତ୍ତିକରି ଗତ ଜୁନ୍ ୨୬ରେ ଏକ ମାମଲା(ନଂ.୨୮୬/୧୯) ରୁଜୁ କରିଛି। ଏହାମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରି ନ ଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳିକା ଓ ତାଙ୍କ ପରିବାର ଏ ସମ୍ପର୍କରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୁକ୍ତ ଓ ତାଙ୍କ ପରିବାର ପକ୍ଷରୁ ନାବାଳିକାଙ୍କୁ ହତ୍ୟା ଧମକ ଦିଆଯାଉଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ୫ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ପୀଡ଼ିତାଙ୍କ ସହ ସପରିବାର ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଏହି ଘଟଣାର ସମାଧାନ ପାଇଁ ଗ୍ରାମବାସୀ ଓ ଉଭୟ ପକ୍ଷ ଯୋଜନା କରି ବିଫଳ ହେବା ପରେ ଥାନାରେ ଅଭିଯୋଗ ହୋଇଥିଲା।

# ବିଲରେ ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ


ଡାକ୍ତରଖାନା ଆଗରେ ମୃତ ଚାଷୀଙ୍କ ପରିବାରବର୍ଗ।

**ବାସୁଦେବପୁର, ୨୯।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଶତ୍ରୁଘ୍ନ ମଲିକ ନାମକ ଜଣେ ଚାଷୀଙ୍କର ସୋମବାର ପୂର୍ବାହ୍ନରେ ବିଲରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୧୯) ରୁଜୁ କରାଯାଇଛି।

ମୃତ ଶତ୍ରୁଘ୍ନଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସେ ସକାଳେ ବିଷ ଓ ସାର ପକାଇବା ପାଇଁ ନୂଆଗାଁ ନିକଟସ୍ଥ ଘେରି ବିଲକୁ ଯାଇଥିଲେ। ବିଲରେ ସେ ହଠାତ୍ ସଂଜ୍ଞାହୀନ ହୋଇ ପଡ଼ିରହିଥିଲେ। ଲୋକଙ୍କଠାରୁ ଖବର ପାଇ ସମ୍ପର୍କୀୟମାନେ ଯାଇ ତାଙ୍କୁ ବିଲରୁ ଆଣି ବାସୁଦେବପୁର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଲରେ କୌଣସି ବିଷଧର ସାପ କାମୁଡ଼ାରେ ଶତ୍ରୁଘ୍ନଙ୍କର ମୃତ୍ୟୁ ହୋଇ ଥାଇପାରେ ବୋଲି ସେମାନେ ସନ୍ଦେହ କରୁଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

## ମୃତ ମହିଳା ଜୀବିତ ଘଟଣା

# ବାଦାମପାହାଡ଼ ଥାନା ଅଧିକାରୀ ବଦଳିଲେ

**ରାଇରଙ୍ଗପୁର,୨୯।୭(ଡି.ଏନ୍.ଏ.)**

ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ ନିର୍ଦ୍ଦୋଷ ସ୍ୱାମୀ, ଶ୍ୱଶୁରଙ୍କୁ ଜେଲ ପଠାଇବା ଘଟଣାକୁ ନେଇ ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ପୋଲିସ ଅଡୁଆରେ ପଡିଛି। ଏହି ଘଟଣାରେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ବାଦାମପାହାଡ ଥାନା ଅଧିକାରୀ ଶଶଧର ସେଠୀଙ୍କୁ ରବିବାର ଜିଲା ହେଡକ୍ୱାର୍ଟରକୁ ବଦଳି କରିଛନ୍ତି। ଝାଡପୋଖରିଆ ଥାନା ସବ ଇନ୍ସପେକ୍ଟର ମୁକୁନ୍ଦ ମେଲକାଙ୍କୁ ବାଦାମପାହାଡ ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖ ଯୋଗ୍ୟ ଯେ, ବାଦାମପାହାଡ ଥାନା ଅଧୀନ ପୁରୁଣାପାଣି ଗ୍ରାମର ରାଇମଣି ନାଏକ ନାମ୍ନୀ ଜଣେ ମହିଳା କିଛି ମାସ ପୂର୍ବରୁ ଘରୁ ଚାଲିଯାଇ କଟକରେ ରହି କାମଧନ୍ଦା କରୁଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ। ଘଟଣା କ୍ରମେ ଗତ ଏପ୍ରିଲ ୨୭ ତାରିଖରେ ବାଦାମପାହାଡ ଥାନା ଅଧୀନ ପାହାଡପୁର ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିଥିଲା। ପୋଲିସ ଏହାର ତଦନ୍ତ କଲାବେଳେ ମୃତଦେହ ନିଖୋଜ ରାଇମଣିଙ୍କର ବୋଲି ତାଙ୍କ ଆତ୍ମୀୟସ୍ୱଜନ ସନ୍ଦେହ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଇମଣିଙ୍କୁ ଜଙ୍ଗଲରେ ହତ୍ୟା କରାଯାଇଥିବା ଦର୍ଶାଇ ପୋଲିସ ତାଙ୍କ ସ୍ୱାମୀ ସଞ୍ଜୟ ନାଏକ ଓ ଶ୍ୱଶୁର ମଙ୍ଗଳ ନାଏକଙ୍କୁ ଗିରଫ କରିଥିଲା। ଗତ ସପ୍ତାହରେ ରାଇମଣି କଟକରୁ ଘରକୁ ଫେରି ଆସିବା ପରେ ଘଟଣା ଭିନ୍ନମୋଡ଼ ନେଇଥିଲା। ରାଇମଣିଙ୍କ ନିଖୋଜ ରହସ୍ୟ ଉପରୁ ପର୍ଦ୍ଦା ଉଠିବାରୁ ପୋଲିସକୁ ଅପଦସ୍ତ ହେବାକୁ ପଡିଥିଲା। ରାଇମଣିଙ୍କୁ ଜୀବନ୍ତ ଅବସ୍ଥାରେ ପୋଲିସ ଶନିବାର କୋର୍ଟରେ ହାଜର କରିଥିଲା। ତାଙ୍କ ବୟାନ ରେକର୍ଡ ପରେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ସ୍ୱାମୀ ସଞ୍ଜୟ ନାଏକ ଏବଂ ଶ୍ୱଶୁର ମଙ୍ଗଳ ନାଏକଙ୍କୁ ରବିବାର ରାଇରଙ୍ଗପୁର ଜେଲରୁ ଖଲାସ କରାଯାଇଛି।

# ମାଟିଆଳି ପଞ୍ଚାୟତ ଅଫିସରେ ଭିଜିଲାନ୍ସ ଟିମ୍

**ସଜନାଗଡ଼, ୨୯।୭ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ମାଟିଆଳି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଜବତ କରାଯାଇଛି। ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ଟିମ୍ କାଗଜ ପତ୍ର ଓ ଫାଇଲ୍‌କୁ ବାଲେଶ୍ୱର ନେଇଯାଇଥିବା ଜଣାପଡ଼ିଛି।

ମାଟିଆଳି ପଞ୍ଚାୟତ ୧୨ଟି ୱାର୍ଡ଼କୁ ନେଇ ଗଠିତ। ଏହା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ସେହି ପଞ୍ଚାୟତର ବାସିନ୍ଦା ୨୦୧୮-୧୯ ଆର୍ଥିକବର୍ଷର ସିଏଫ୍‌ସି ଓ ଏସ୍‌ଏଫ୍‌ସି ଅନୁଦାନ ଟଙ୍କା ଯଥା ପଞ୍ଚାୟତର ଆୟବ୍ୟୟର ହିସାବ ପଞ୍ଚାୟତ ସଭାରେ ପରିପ୍ରକାଶ ନ କରିବା, ୱାର୍ଡ଼ସଭ୍ୟଙ୍କ ପରାମର୍ଶ ନ ନେଇ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବା ଆଦି ବିଭିନ୍ନ ଅଭିଯୋଗ ହୋଇଥିଲା। ହିତାଧିକାରୀମାନେ ନୀଳଗିରିର ବିଡ଼ିଓ ରାମଦାସ ଟୁଡୁଙ୍କୁ ଜଣାଇବା ପରେ କୌଣସି ନ୍ୟାୟ ନ ପାଇବାରୁ ନିରାଶ ହୋଇ ମାଟିଆଳି ପଞ୍ଚାୟତ ବାସିନ୍ଦା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପଦଯାତ୍ରାରେ ରାଜଧାନୀ ବାହାରିଲେ ସେବାୟତ

**ବାରିପଦା ଅଫିସ,୨୯।୭**

**ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବେ**

ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ସହିତ ପୂର୍ଣ୍ଣ କ୍ଷମତାପ୍ରାପ୍ତ ସ୍ଥାୟୀ ଦେବୋତ୍ତର ନିର୍ବାହୀ ନିଯୁକ୍ତି, ଦେବୋତ୍ତର ସମ୍ପତ୍ତିର ପୁନରୁଦ୍ଧାର ସହ ସୁରକ୍ଷା, ସେବାୟତମାନେ ପାଇ ଆସୁଥିବା ସର୍ବନିମ୍ନ ମାସିକ ଭତ୍ତା ବୃଦ୍ଧି ଆଦି ବିଭିନ୍ନ ଦାବି ନେଇ ସୋମବାର ସକାଳୁ ବାରିପଦା ଜଗନ୍ନାଥ ମନ୍ଦିର ସେବାୟତମାନେ ପୁଣି ଥରେ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଉପରୋକ୍ତ ଦାବି ଜଣାଇବା ଲକ୍ଷ୍ୟ ରଖି ସେମାନେ ପଦଯାତ୍ରା କରୁଥିବା କହିଛନ୍ତି। ରବିବାର ଅପରାହ୍ନରେ ସେବାୟତମାନେ ବାରିପଦା ସହର, ବଜାର ବୁଲି ସହରବାସୀଙ୍କଠାରୁ ସ୍ୱେଚ୍ଛାକୃତ ଭାବେ ସାହାଯ୍ୟ, ଦାନ ଓ ଦକ୍ଷିଣା ଭିକ୍ଷା କରିଥିଲେ।

ଉଲ୍ଲେଖନୀୟ ଯେ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏପ୍ରିଲ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ବାରିପଦାକୁ ନିର୍ବାଚନ ପ୍ରଚାର ପାଇଁ ଆସିଥିଲେ। ଏହି ଦିନ ସେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେଠାରେ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ଉପରୋକ୍ତ ଦାବିଗୁଡିକ ଲିଖିତ ଭବେ ଜଣାଇଥିଲେ। ସେତେବେଳେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେବାୟତମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଉପରେ ପଦକ୍ଷେପ ଗ୍ରହଣ କରି ନ ଥିଲେ। ଫଳରେ ସେବାୟତମାନେ ଭୁବନେଶ୍ୱର ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଗତ ଜୁନ ୧୯ ତାରିଖ ପୂର୍ବାହ୍ନ ୭ଟାରେ ମହାପ୍ରଭୁଙ୍କ ମନ୍ଦିର ବେଢ଼ାରୁ ପଦଯାତ୍ରା ଆରମ୍ଭ କରଥିଲେ। ପରେ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରମୁଖ ପହଞ୍ଚି ସେବାୟତମାନଙ୍କୁ ବୁଝାଇ ଶୁଝାଇ ଅଧାରାସ୍ତାରୁ ଫେରାଇ ଆଣିଥିଲେ। ପରେ ରାଜସ୍ୱ ମନ୍ତ୍ରୀ ମାର୍ଣ୍ଡିଙ୍କ ଉଦ୍ୟମରେ ଗତ ଜୁନ ୨୯ ତାରିଖରେ ସେବାୟତମାନେ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ଦାବିଗୁଡିକ ଶୁଣିବା ସହିତ ଏହାକୁ ବିଚାର କରାଯିବ ବୋଲି କହିଥିଲେ। ରଥଯାତ୍ରା ସରିବା ପରେ ଜୁଲାଇ ୧୭ ତାରିଖରେ ଭୁବନେଶ୍ୱରରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ସେବାୟତ ବୃନ୍ଦ ଓ ବିଭିନ୍ନ ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ କରି ସମସ୍ତ ଆଲୋଚନା କରାଯିବ ଏବଂ ଦାବି ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବାରିପଦା ଆସିବେ ବୋଲି ସେବାୟତମାନଙ୍କୁ କୁହାଯାଇଛି। ପ୍ରତିଶ୍ରୁତି ମୁତାବକ ଗତ ୧୭ ତାରିଖରେ ଆଇନ ମନ୍ତ୍ରୀ ଜେନା କୌଣସି ବୈଠକର ଆୟୋଜନ କରି ନ ଥିବାରୁ ପୁନର୍ବାର ଭୁବନେଶ୍ୱରକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବାକୁ ସେମାନେ ପଦଯାତ୍ରାରେ ବାହାରିଥିବା କହିଛନ୍ତି।


ସେବାୟତମାନେ ପଦଯାତ୍ରାରେ ଯାଉଛନ୍ତି।

## ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଏଚଆରପିସି ଟିମ୍, ପୋଲିସର ମିଳିତ ତଦନ୍ତ ଜାରି

**ବାଲିଆପାଳ, ୨୯।୭(ଡି.ଏନ.ଏ.)**

ବାଲିଆପାଳ ଇଡକୋ ଛକ ରାଜଧାନୀ ଢାବାରେ ନାବାଳକଙ୍କ ମୃତ୍ୟୁ ଘଟଣାକୁ ସୋମବାର ୪ ଦିନ ପୂରିଲା। ମାତ୍ର ଉତ୍ତେଜନା ଥମି ନ ଥିବାରୁ ପୋଲିସ ବିଭିନ୍ନ ଛକ ବଜାରରେ ପଇଁତରା ମାରୁଛି। ମାନବାଧିକାର ସୁରକ୍ଷା କମିସନ(ଏଚଆରପିସି) ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହିତ ଘଟଣାର ତଦନ୍ତ କରୁଛନ୍ତି। ଏଚଆରପିସି ଟିମ୍ ରାସ୍ତାରୋକୋ ଆନ୍ଦୋଳନ, ଜଳାପୋଡାରେ ସମ୍ପୃକ୍ତ ଲୋକମାନଙ୍କୁ ଭେଟି ପଚାରଉଚୁରା କରୁଛି। ବିଭିନ୍ନ ସ୍ଥାନରେ ସଂଗଠିତ ଘଟଣାକୁ ଅନୁଧ୍ୟାନ କରୁଛନ୍ତି। ତେବେ ଢାବାର ମାଲିକ ସାହାବୁଦ୍ଦିନ ଶାହା ଫେରାର ଥିବାରୁ ତାଙ୍କୁ ମଧ୍ୟ ଏଚ୍‌ଆରପିସି ଟିମ୍ ଓ ପୋଲିସ ତଦନ୍ତ କରି ବିଭିନ୍ନ ସ୍ଥାନ ଚଢାଉ କରିଛି। ବ୍ୟବଚ୍ଛେଦ ରିର୍ପୋଟକୁ ଆଧାର କରି ଅଧିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଅତିରିକ୍ତ ଏସପି, ବାଲିଆପାଳ ଆଇଆଇସି ରଣଜିତ କୁମାର ସାହୁ, ବସ୍ତା ଏସ୍‌ଡିପିଓ ରଣଜିତ କୁମାର ପୃଷ୍ଟି, ଜଲେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ ବାଲିଆପାଳରେ ରହି ଘଟଣା ପ୍ରତି ସର୍ତକ ନଜର ରଖିଛନ୍ତି। ଆଇନଶୃଙ୍ଖଳାକୁ ବଜାୟ ରଖିବା ପାଇଁ ଛକ ବଜାରରେ ଆଜି ବି ପୋଲିସ ମୁତୟନ ହୋଇ ରହିଛନ୍ତି। ସନ୍ଧ୍ୟାରେ ଏକ ପୋଲିସ ଟିମ ଉତ୍ତେଜନା ପ୍ରବଣ ସ୍ଥାନଗୁଡିକରେ ପାଟ୍ରୋଲିଂ କରୁଛି। ଏଚଆରପିସି ଟିମ୍‌କୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ସହାୟତା ଯୋଗାଇ ଦିଆଯାଉଛି ବୋଲି ବାଲିଆପାଳ ଥାନା ଆଇଆଇସି ରଣଜିତ କୁମାର ସାହୁ କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ପାଟଣା,୨୯।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ଦାମାହୁଦା ମୁଣ୍ଡା ସାହି ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ଜଣେ ଗ୍ରାମବାସୀଙ୍କ ଘରେ ପଶି ଶ୍ୱଶୁର ଓ ବୋହୂଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ଶ୍ୱଶୁରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ତାଙ୍କ ବୋହୂଙ୍କ ମୁଣ୍ଡ ମଧ ଫାଟିଛି। ଉଭୟ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏନେଇ ପାଟଣା ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ନିୟମିତ ହେଲେ ୨୨ ଠିକା ଶିକ୍ଷକ

ଚମ୍ପୁଆ,୨୯।୭(ଡି.ଏନ.ଏ.)- ଚମ୍ପୁଆ ବ୍ଲକରେ ୨୮ ଠିକା ଶିକ୍ଷକ ମଧରୁ ୨୨ ଜଣ ଶିକ୍ଷକ ନିୟମିତ ହୋଇଥିବା ଜଣାଯାଇଛି। ଏନେଇ ବିଇଓ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ନିୟମିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସରକାରୀ ନିର୍ଦ୍ଦେଶ ସମ୍ବଳିତ କାଗଜ ପତ୍ର ପ୍ରଦାନ କରିଥିଲେ। ୬ ବର୍ଷ ଧରି ଠିକା ଶିକ୍ଷକ ଭାବେ ଏହି ୨୨ ଜଣ ଶିକ୍ଷକ ଚମ୍ପୁଆ ବ୍ଲକର ୧୩ ଗୋଟି ଗୋଷ୍ଠୀ ସାଧନ କେନ୍ଦ୍ର ଅଧୀନରେ କାର୍ଯ୍ୟ କରିଆସୁଥିଲେ। ଶିକ୍ଷକମାନେ ଶୈକ୍ଷିକ ମନୋବୃତ୍ତି ନେଇ କାର୍ଯ୍ୟ କରିବା ସହିତ ଶିକ୍ଷାଦାନକୁ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

### ଯୁବତୀ ଅପହରଣ: ଯୁବକ ଗିରଫ

ପାଟଣା,୨୯।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ସୋମବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ଏହିଥାନା ଅନ୍ତର୍ଗତ ପୁରୁଲିଆ ଗ୍ରାମର ଗୋବିନ୍ଦ ମୁଣ୍ଡା। ଗତବର୍ଷ ନଭେମ୍ବର ମାସରେ ସମ୍ପୃକ୍ତ ଯୁବତୀଙ୍କୁ ସେ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୫୭/୧୮)ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସୋମବାର କୋର୍ଟ ଚାଲାଣ କରିଛି।

### ଚୋର ଧରାପଡୁଛି ହେଲେ ମୋବାଇଲ ମିଳୁନି

କେନ୍ଦୁଝର ୨୯।୭ (ସ୍ୱ.ପ୍ର.)- କେନ୍ଦୁଝର ସହରରେ ମୋବାଇଲ ଚୋରି ବୃଦ୍ଧି ପାଉଥିବାରୁ ଅସନ୍ତୋଷ ବଢୁଛି। ଛୋଟ ଛୋଟ ପିଲା ମାନେ ମୋବାଇଲ ଚୋରି କରୁଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଲୋକ ମାନେ ଏହି ପିଲା ମାନଙ୍କୁ ଧରି ପୋଲିସ ଜିମା ଦେଉଛନ୍ତି। ତେବେ ପୋଲିସ ସେମାନଙ୍କ ଠାରୁ ମୋବାଇଲ ଜବତ କରିପାରୁ ନ ଥିବାରୁ ଛାଡି ଦେଉଥିବା ଅଭିଯୋଗ ହେଉଛି । ଏପରିକି ଅନେକ ସମୟରେ ମୋବାଇଲ ଚୋରି ହେଉଥିଲେ ହେଁ ଅଭିଯୋଗ କଲେ ପୋଲିସ ଏତଲା ରଖୁ ନ ଥିବା ଅନେକ ଅଭିଯୋଗ କରୁଛନ୍ତି। ଏଣୁ ଏନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ସିଆରସିସି ସମନ୍ୱୟ ବୈଠକ

ଆନନ୍ଦପୁର,୨୯।୭(ସ୍ୱ.ପ୍ର.)- ବିରଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ କାର୍ଯ୍ୟରତ ସିଆରସିସିଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଗୋଲକ ବିହାରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶୈକ୍ଷିକ କାର୍ଯ୍ୟକ୍ରମ ଉଜ୍ଜ୍ୱଳ ଓ ଉତ୍ଥାନର ସଫଳ ରୂପାୟନ, ଗରିମା ପୁରସ୍କାର, ଖଣିଜ ପାଣ୍ଠି ଆନୁକୂଲ୍ୟରେ ହେବାକୁ ଥିବା ମେଧାବୃତ୍ତି ପରୀକ୍ଷା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହା ସହିତ ସିଆରସିସିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବି ଆଲୋଚନା ହୋଇଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଏଫଟିଏ ମିଳି ନ ଥିବା ସମ୍ବନ୍ଧରେ ଜିଲାପାଳଙ୍କୁ ମଧ ଅବଗତ କରାଯାଇଥିଲେ ସୁଦ୍ଧା ଆଜି ଯାଏ ଏ ଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ବୈଠକରେ ଅବସରପ୍ରାପ୍ତ ବିଇଓ ଗୋପାଳ ଚନ୍ଦ୍ର ପତି, ଘସିପୁରା ବ୍ଲକର ପୂର୍ବତନ ଏବିଇଓ ଅମୂଲ୍ୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା ଭଣ୍ଡାରିଡିହା ଏବଂ ମଦନପୁର ସିଆରସିସିଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ସିଆରସିସି ନିରଞ୍ଜନ ପଣ୍ଡା, ଅଜିତ୍ କୁମାର ଜେନା, ପ୍ରଭାତ କୁମାର ଧିର ଉପସ୍ଥିତ ଥିଲେ।

# ଗାଁର ନାଁ 'ବୈତରଣୀ'



ଗାଁ ଦାଣ୍ଡରେ ବୈତରଣୀ ଗ୍ରାମବାସୀ।

**ଦୀପକ ମିଶ୍ର**
**କେନ୍ଦୁଝର, ୨୯।୭**

- ବିକାଶ ଓ ମୌଳିକ ସୁବିଧାଠାରୁ ଆଜି ବି ଦୂରରେ
- ଖୁଣ୍ଟ ପଡ଼ିଛି, ବିଜୁଳି ନାହିଁ, ୩୦୦ ଲୋକଙ୍କୁ ଗୋଟିଏ ନଳକୂପ

କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକାର ଗୁପ୍ତଗଙ୍ଗାରୁ ବାହାରିଥିବା ପୁଣ୍ୟତୋୟା ବୈତରଣୀ ନିମ୍ନକୁ ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶିଛି। ସାଳନ୍ଦୀ ଏହାର ମୁଖ୍ୟ ଉପନଦୀ। ଶାସ୍ତ୍ର ଓ ପୁରାଣରେ ପ୍ରସିଦ୍ଧି ଲାଭ କରିଥିବା ବୈତରଣୀ ନଦୀର ଅବବାହିକାରେ ପ୍ରାଚୀନ ସଭ୍ୟତା ନିଦର୍ଶନ ଦେଖିବାକୁ ମିଳିଥାଏ। ଅନେକ ସମୃଦ୍ଧ ସହର ଓ ଜନପଦ ମଧ ଏହା ତଟଦେଶରେ ଗଢ଼ିଉଠିଛି। କିନ୍ତୁ ନଦୀର ଉତ୍ପତ୍ତିସ୍ଥଳରେ ଥିବା ନଦୀ ନାମଧାରୀ ଗ୍ରାମ ଆଜି ବି ଅବହେଳିତ ଓ ଅନ୍ଧାରୀମୁଲକ ଅବସ୍ଥାରେ ରହିଛି।

କେନ୍ଦୁଝରଠାରୁ ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାର ଦୂରତା ପ୍ରାୟ ୩୦ କି.ମି.। ସେଠାରେ ଥିବା ଗୁପ୍ତଗଙ୍ଗା ପୂର୍ବଘାଟ ପର୍ବତମାଳାର ଖଣ୍ଡିତାଂଶ ସୁମେରୁ ପାହାଡ଼ର ଅଂଶବିଶେଷ କୁହାଯାଏ। ଜିଲାର ବାଂଶପାଳ ବ୍ଲକ ଅଧୀନ ଗୋନାସିକା ପଞ୍ଚାୟତ ଠାରୁ ୩ କି.ମି. ଦୂରରେ ନଦୀ ଉତ୍ପତ୍ତିସ୍ଥଳକୁ ଲାଗି ରହିଛି ବୈତରଣୀ ଗାଁ। କେହି କେହି ଗାଁର ନାମକରଣ ଅନୁସାରେ ନଦୀର ନାମକରଣ ହୋଇଥିବା କହନ୍ତି। ବୈତରଣୀ ଉତ୍ପତ୍ତିସ୍ଥଳ ଗୁପ୍ତଗଙ୍ଗାକୁ ନେଇ ଅନେକ କିମ୍ବଦନ୍ତୀ ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏହାର ଆଧାତ୍ମିକ, ଧାର୍ମିକ ମହତ୍ତ୍ୱ ଏହି ସ୍ଥାନକୁ ପ୍ରସିଦ୍ଧ କରିଛି। କେନ୍ଦୁଝର ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥର ବାମପଟେ ଗୋନାସିକା ଥିବାବେଳେ ଡାହାଣପଟେ ବାଂଶପାଳ ବ୍ଲକ ରହିଛି। ଜାତୀୟରାଜପଥରେ ବାୟାପଣ୍ଡା ଧାର ଛକ ଠାରୁ ୧୨ କି.ମି. ଗଲେ ଗୋନାସିକାରେ ପହଞ୍ଚି ହୁଏ। ବାଂଶପାଳ ବ୍ଲକ ଅଫିସଠାରୁ ଗୋନାସିକା ପଞ୍ଚାୟତ ଅଧୀନ ବୈତରଣୀ ଗାଁର ଦୂରତା ପ୍ରାୟ ୩୫ କି.ମି. ହେବ। ଗ୍ରାମରେ ଜୁଆଙ୍ଗ ଓ ଗୋପାଳ ସମ୍ପ୍ରଦାୟର ୭୩ ପରିବାର ବସବାସ କରୁଛନ୍ତି। ଉପରସାହି ଓ ତଳସାହି ନାମରେ ଦୁଇଟି ସାହିକୁ ନେଇ ଗ୍ରାମ ଗଠିତ ହୋଇଛି। ଲୋକସଂଖ୍ୟା ୩୦୦ରୁ ଅଧିକ। ଜଳସେଚନ ସୁବିଧା ନ ଥିବାରୁ ଗ୍ରାମବାସୀ ଗାଁ ପାଖ ଦେଇ ଯାଇଥିବା ଏକ ନାଳ, ଚୁଆପାଣି ଓ ବର୍ଷା ଧାର ଉପରେ ନିର୍ଭର କରି ସୋରିଷ, ମକା, ଧାନ, ରାଶି ପ୍ରଭୃତି ଚାଷ କରି ଚଳିଆନ୍ତି। ସେମାନେ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ନିକଟସ୍ଥ କାଞ୍ଜିପାଣି ହାଟରେ ବିକ୍ରି କରିଥାନ୍ତି। ଗାଁରେ ବସିଥିବା ଏକମାତ୍ର ନଳକୂପ ଆବଶ୍ୟକ ପାନୀୟଜଳ ଯୋଗାଇପାରୁ ନ ଥିବାରୁ ଲୋକେ ନାଳ ଓ ଚୁଆପାଣି ବ୍ୟବହାର କରିଥାନ୍ତି। ବିକାଶର ପଦଚିହ୍ନ ସ୍ୱରୂପ ଗାଁରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିଛି। ଉକ୍ତ କେନ୍ଦ୍ରରେ ଜଣେ ଅଙ୍ଗନୱାଡି କର୍ମୀଙ୍କ ତତ୍ତ୍ୱାବଧାନରେ ୨୨ଜଣ ଶିଶୁ ଶିକ୍ଷାଲାଭ କରୁଛନ୍ତି। ବିଜୁଳି ସଂଯୋଗ ପାଇଁ ନାମକୁ ଖୁଣ୍ଟ ପଡ଼ିଥିଲେ ବି ବିଜୁଳି ସେବା ଠିକ ଭାବେ ମିଳେନାହିଁ। ପ୍ରାଥମିକ ଶିକ୍ଷାନୁଷ୍ଠାନ ନ ଥିବାରୁ ଗାଁ ପିଲାମାନେ କଦଳୀବାଡ଼ି ସ୍କୁଲକୁ ଯାଇ ପାଠ ପଢ଼ିଥାନ୍ତି ବୋଲି ଗ୍ରାମର ୱାର୍ଡମେମ୍ବର ଦେଶ ଜୁଆଙ୍ଗ କହିଛନ୍ତି। ଗ୍ରାମର ଅଧିକାଂଶ ପରିବାର ଗରିବ। ସେମାନେ ସରକାରଙ୍କ ଠାରୁ ପାଉଥିବା ଚାଉଳ, ଭତ୍ତାକୁ ଆଶ୍ରା କରି କୌଣସି ପ୍ରକାରେ ଗୁଜରାଣ ମେଣ୍ଟାଉଛନ୍ତି। କେତେକ ପରିବାର ଗାଈ, ଗୋରୁ ଓ ଛେଳି ପାଳନ କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ ଓ ବିଦ୍ୟୁତ ଆଦି କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳିତ ଏହି ଗ୍ରାମର ୩ ଜଣ ଜୁଆଙ୍ଗ ପାଠ ପଢ଼ି ଶିକ୍ଷକ ଭାବେ ଅନ୍ୟତ୍ର ଚାକିରି କରୁଥିବା ଗ୍ରାମବାସୀ କହିଛନ୍ତି।

ବୈତରଣୀ ଗ୍ରାମକୁ ଗଲେ ଗ୍ରାମବାସୀଙ୍କ ଦାରିଦ୍ର୍ୟ ଜୀବନର ଛବି ଜଳଜଳ ହୋଇ ଦିଶେ। ଗାଁ ମଧଭାଗରେ ଏକ ମଣ୍ଡଘର ରହିଛି। ଏହା ଗ୍ରାମବାସୀଙ୍କ ସାଂସ୍କୃତିକ ପରମ୍ପରାର ମୂକସାକ୍ଷୀ ବୋଲି ଗ୍ରାମବାସୀ କହନ୍ତି। ଅନେକ ସମୟରେ ଗାଁକୁ ବିଦ୍ୟୁତ ସରବରାହ କାହିଁକି ବନ୍ଦ ରହେ ପଚାରିଲେ କାହାଠାରୁ କିଛି ଉତ୍ତର ମିଳେନାହିଁ। ସ୍ୱାସ୍ଥ୍ୟ ସେବା ପାଇଁ ନିକଟସ୍ଥ ଗୋନାସିକା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜରୁରୀ ଚିକିତ୍ସା ପାଇଁ କାଞ୍ଜିପାଣି ଓ କେନ୍ଦୁଝର ଡାକ୍ତରଖାନାକୁ ଲୋକେ ଯାଇଥାନ୍ତି। ବୈତରଣୀ ନଦୀ ନାମରେ ପ୍ରତିଷ୍ଠିତ ଏହି ଗ୍ରାମରେ ଉନ୍ନୟନ କାର୍ଯ୍ୟ କରାଗଲେ ଏହା ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଘରୁ ଟଙ୍କା, ମୋବାଇଲ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି

ଯୋଡ଼ା,୨୯।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡାସହର ୨ନଂ ଓାର୍ଡ ଆମ୍ବାଗାନଠାରେ ରବିବାର ବିଳମ୍ବିତ ରାତିରେ ରୁଦ୍ର ନାରାୟଣ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ରୁଦ୍ର ନାରାୟଣଙ୍କ ଶାଳକଙ୍କ ଦେହ ଅସୁସ୍ଥ ହେବାରୁ ସେ ରାତି ପ୍ରାୟ ସାଢ଼େ ୧୨ଟାରେ ତାଙ୍କ ସ୍ତ୍ରୀ ସହିତ ବାଇକ୍‌ରେ ଡାକ୍ତରଖାନାକୁ ଯାଇଥିଲେ। ସେଠାରୁ ପ୍ରାୟ ଦେଢଘଣ୍ଟା ପରେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଯାଇ ଆଲମାରିରେ ଥିବା ନଗଦ ୫ହଜାର ଟଙ୍କା, ୫ଟି ମୋବାଇଲ ଫୋନ୍, ଆଧାର କାର୍ଡ, ଭୋଟର କାର୍ଡ, ଜମି ପଟ୍ଟା, ବ୍ୟାଙ୍କ ପାସ୍ ବୁକ୍, ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏନେଇ ସୋମବାର ସକାଳ ସମୟରେ ଯୋଡା ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯୋଡା ସହରରେ ଦିନକୁ ଦିନ ଚୋରି ବୃଦ୍ଧି ହେବାରେ ଲାଗିଛି । ଦୈନିକ କିଛିନା କିଛି ଚୋରି ଘଟଣା ଘଟୁଥିବା ନଜରକୁ ଆସୁଛି। ଏହା ସହିତ ସହରରେ ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ମଧ ବୃଦ୍ଧି ପାଉଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଏହିଭଳି ଘଟଣା ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ବୋଲ୍‌ବମ୍ ଧ୍ୱନିରେ କମ୍ପିଲା ସହର



କାଉଡ଼ିଆମାନେ ବୈତରଣୀରୁ ଜଳ ନେଇ ଶିବ ମନ୍ଦିର ଯାତ୍ରା କରୁଛନ୍ତି।

ଆନନ୍ଦପୁର, ୨୯।୭(ସ୍ୱ.ପ୍ର.)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ଶିବଭକ୍ତମାନେ ଜଳକଳସ ଧରି ଶୈବପୀଠ ଅଭିମୁଖେ ଯାତ୍ରା କରିବାର ଦୃଶ୍ୟ ଅତ୍ୟନ୍ତ ନିଆରା। ସୋମବାର ସକାଳୁ ବିଭିନ୍ନ ଅଞ୍ଚଳରୁ ଶିବଭକ୍ତମାନେ ଆନନ୍ଦପୁରର ପବିତ୍ର ପୁଣ୍ୟତୋୟା ବୈତରଣୀ ନଦୀରୁ ଜଳ ନେଇ ଶୈବପୀଠ ଅଭିମୁଖେ ଯାତ୍ରା କରିଥିଲେ। ଯାତ୍ରା ସମୟରେ 'ବୋଲ୍‌ବମ୍, ହର ହର ବମ୍, ଜଟିଆ ବାବା ପାର କରେଗା' ଆଦି ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ସ୍ଥାନୀୟ ଭକ୍ତମାନେ ଜଳ ନେଇ ଅନ୍ୟସ୍ଥାନକୁ ଯାତ୍ରା କରୁଥିବାବେଳେ ବାହାର ଅଞ୍ଚଳର ଭକ୍ତମାନେ ବୈତରଣୀ ଜଳ ନେଇ ନିଜ ଅଞ୍ଚଳରେ ଥିବା ଶୈବ ପୀଠରେ ଜଳ ଲାଗି କରିଥିଲେ। ଏଥିପାଇଁ ସକାଳ ସମୟରୁ ଦିନ ୧୧ଟା ପର୍ଯ୍ୟନ୍ତ ସହରର ପ୍ରତ୍ୟେକ ସ୍ଥାନରେ ଭକ୍ତମାନଙ୍କୁ ଦେଖିବାକୁ ମିଳିଥିଲା। ଛୁଆ ଠାରୁ ଆରମ୍ଭ କରି ମହିଳା, ପୁରୁଷ , ବୟସ୍କ ଭକ୍ତମାନେ କାନ୍ଧରେ କାଉଡି ଧରି ଶିବ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଦ୍ୱିତୀୟ ସୋମବାର ଆନନ୍ଦପୁରର ଉତ୍ତରେଶ୍ୱର, ଝାଡେଶ୍ୱର, କୁଣ୍ଡେଶ୍ୱର, ଦେଓଗାଁର କୁଶଳେଶ୍ୱର ପ୍ରଭୃତି ଶୈବପୀଠରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା।

## ସହରରେ ବେଆଇନ ସ୍କ୍ରାପ୍ ଡିପୋ

ତୋରିକୁ ପ୍ରୋତ୍ସାହନ

କେନ୍ଦୁଝର, ୨୯।୭ (ସ୍ୱ.ପ୍ର.)

କେନ୍ଦୁଝର ସହରରେ ବେଆଇନ ଭାବେ ଚାଲିଛି ସ୍କ୍ରାପ ବ୍ୟବସାୟ। ସହରର ବିଭିନ୍ନ ସ୍ଥାନରେ ଏହି ବେପାର ବେଧଡକ ଚାଲିଛି। ଏହା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ସହରରେ ଚୋରି ବୃଦ୍ଧି ପାଇବାରେ ଲାଗୁଛି ବୋଲି ଅଭିଯୋଗ ହେଉଛି । ପୂର୍ବରୁ ଦୀର୍ଘବର୍ଷ ହେଲା ସ୍କ୍ରାପ୍ ବେପାର ବନ୍ଦ ରହିଥିଲା । ଫଳରେ ଚୋରି କମଥିଲା । ଏବେ ସ୍କ୍ରାପ୍ ବେପାରୀମାନେ ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଭାବରେ ଡିପୋ ଖୋଲି ଲୁହା ଓ ଟିଣ ସାମଗ୍ରୀ, ପ୍ଲାଷ୍ଟିକ, ଲୁହା ଛଡା, ବ୍ୟାଟେରି ଆଦି ଘରକରଣା ସାମଗ୍ରୀ କମ୍ ଦରରେ କିଣି ବହୁ ଗୁଣା ଦରରେ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ଚୋରମାନେ ରାତିରେ ଘର, ଦୋକାନ, କାରଖାନା, ଗ୍ୟାରେଜ ଆଦିରୁ ବିଭିନ୍ନ ପ୍ରକାରର ଲୁହା, ଟିଣ ଆଦି ସାମଗ୍ରୀ ଚୋରି କରି ସ୍କ୍ରାପ୍ ବେପାରୀଙ୍କୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଫଳରେ ଚୋରି ବୃଦ୍ଧି ପାଇବାରେ ଲାଗୁଛି। ବେପାରୀମାନେ ରାତାରାତି ବଡ ବଡ ଟ୍ରକ୍‌ରେ ଏହି ସବୁ ସାମଗ୍ରୀକୁ କୋଲକାତା, ଝାଡ଼ଖଣ୍ଡ ଆଦି ଅଞ୍ଚଳକୁ ପଠାଇ ଦେଉଥିବାରୁ ଧରାପଡୁନାହାନ୍ତି। ଫଳରେ ଲୋକମାନେ ସେମାନଙ୍କ ଚୋରି ସାମଗ୍ରୀ ପାଇପାରୁନାହାନ୍ତି। ତେବେ ଏହି ସବୁ ବେଆଇନ ଡିପୋରେ ଚଢାଉ କଲେ ବହୁ ବେଆଇନ ଓ ଚୋରା ସାମଗ୍ରୀ ଧରାପଡିବ ବୋଲି ମତପ୍ରକାଶ ପାଉଛି। ସହରର ଜାମୁହତା (ବଡହଳ), ମୋଚିବନ୍ଧ, ବୁଲାଦାରସାହି ଆଦି ଅଞ୍ଚଳରେ ଚାଲିଥିବା ଡିପୋଗୁଡିକରେ ଚଢାଉ କରି ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି।

## ବନ୍ଧ ରାସ୍ତା ବେଆଇନ ଅବରୋଧ

ଆନନ୍ଦପୁର, ୨୯।୭(ସ୍ୱ.ପ୍ର.)

ଆନନ୍ଦପୁର ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ୟା ସୁରକ୍ଷା ବନ୍ଧକୁ ବେଆଇନ ଭାବେ ଅବରୋଧ କରାଯାଇଥିବା ଘଟଣା ଦୃଷ୍ଟିକୁ ଆସିଛି। ଏହି ବନ୍ଧରେ ଆନନ୍ଦପୁର ଠାରୁ ହାଟଡିହୀ ବ୍ଲକ ତରଭା ପର୍ଯ୍ୟନ୍ତ ଗମନାଗମନର ସୁବିଧା ରହିଥିବାରୁ ଏହି ଅବରୋଧ ଯାତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଫକୀରପୁର ଦେଇ ଯାଇଥିବା ଏହି ବନ୍ଧର ସ୍ଥାନେ ସ୍ଥାନେ ବାଲି ମେଟାଲ ସବୁ ଗୁଡ଼ ଗୁଡ଼ ଗଦା ହୋଇଥିବାରୁ ଯାତାୟାତରେ ବହୁ ବାଧା ସୃଷ୍ଟି କରୁଛି। ଏପରି କି ବାଲି ବନ୍ଧ ରାସ୍ତାରେ ଖେଳେଇ ହୋଇପଡିଥିବାରୁ ବାଇକ୍ ଏବଂ ସାଇକେଲ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହି ବନ୍ଧ ଦେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ମଧ ଯାତାୟାତ କରୁଛନ୍ତି। ସମସ୍ତଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରଶାସନ ଜବରଦଖଲ ହଟାଇବାକୁ ସାଧାରଣରେ ଦାବି ହୋଇଛି।

## ସ୍ୱଚ୍ଛ ଭାରତ ମିଶନ: ନିମ୍ନମାନର କାମ, ଅର୍ଥ ବାଟମାରଣା

ଚମ୍ପୁଆ, ୨୯।୭(ଡି.ଏନ.ଏ.)



ଚମ୍ପୁଆ ବ୍ଲକ ଜାମୁଦଲକ ପଞ୍ଚାୟତର ଜଡିପଦା ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ଅନୁଯାୟୀ ନିର୍ମାଣ କରାଯାଉଥିବା ପାଇଖାନା ନିମ୍ନମାନର ହୋଇଥିବାରୁ ଗ୍ରମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ନିର୍ମାଣ କରାଯାଉଥିବା ପାଇଖାନାଗୁଡିକର ସେପ୍‌ଟିକ ଟାଙ୍କି ନ ଥିବା ବେଳେ ଫାଉଣ୍ଡେଶନ ଖୋଳା ନ ଯାଇ ଭୂଇଁ ଉପରେ ଏହା ନିର୍ମାଣ କରାଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି।

ଚମ୍ପୁଆ ବ୍ଲକ ପକ୍ଷରୁ କିଏ ଏହା କରୁଛି ଓ କାହା ନିର୍ଦ୍ଦେଶରେ ଏହା ହେଉଛି ତାହା ଗ୍ରାମବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କର ମଧ ଦେଖା ମିଳୁ ନ ଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ୩ ବର୍ଷତଳେ ପଞ୍ଚାୟତ ପକ୍ଷରୁ ନିର୍ମାଣ କରାଯାଇଥିବା ପାଇଖାନା ତୁଳନାରେ ଠିକାଦାରଙ୍କ ଦ୍ୱାରା ନିର୍ମିତ ହେଉଥିବା ପାଇଖାନା ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁସାରେ ଗ୍ରାମପଞ୍ଚାୟତଗୁଡିକୁ ବାହ୍ୟ ମଳମୁକ୍ତ କରିବା ଲକ୍ଷ୍ୟ ନେଇ ଘରେ ଘରେ ପାଇଖାନା ନିର୍ମାଣ ଉପରେ ବ୍ଲକ ପ୍ରଶାସନ ଅଧିକ ଗୁରୁତ୍ୱ ଦେଇଆସୁଛି। ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣ ନିମିତ୍ତ ୧୨ ହଜାର ୫୦୦ଟଙ୍କା ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି। ମାତ୍ର ଜାମୁଦଲକ ପଞ୍ଚାୟତର ଜଡିପଦା ଗ୍ରାମର ମୁଣ୍ଡାସାହିର ହିତାଧିକାରୀଙ୍କୁ ଠିକ୍ ସୂଚନା ପ୍ରଦାନ କରା ନ ଯାଇ ଠିକାଦାର ମାଧ୍ୟମରେ ପାଇଖାନା ନିର୍ମାଣ କରାଯାଉଛି। ଆଧାରକାର୍ଡ ଓ ବିପିଏଲ କାର୍ଡର ଜେରକ୍ସ ନେବା ପରେ କିଛିଦିନ ପରେ ବଙ୍ଗୀୟ ମିସ୍ତ୍ରି ଦ୍ୱାରା ପାଇଖାନା ନିର୍ମାଣ କରାଯାଇଛି। ଏପରିକି ଟାଙ୍କି ନିଜେ ହିତାଧିକାରୀ ଖୋଳିଥିବା କହୁଥିବା ବେଳେ ଅନେକ ପାଇଖାନାର ଟାଙ୍କି ବର୍ତ୍ତମାନ ସୁଦ୍ଧା କରାଯାଇନାହିଁ। କେତେକ ହିତାଧିକାରୀଙ୍କୁ ପାଣି ଇଟା ବୋହିବାକୁ କୁହାଯାଉଥିବା ଅଭିଯାଗ ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ବହୁ ଲୋକ ନିଜେ ପାଇଖାନା ନିର୍ମାଣ କରିପାରୁ ନ ଥିବାରୁ ଠିକାଦାର ମାଧ୍ୟମରେ ଏହା କରାଯାଉଛି। ମାତ୍ର କାର୍ଯ୍ୟର ତଦାରଖ ବିଷୟରେ ପଚାରିବାରୁ ସେ ନୀରବ ରହିଥିଲେ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୮୯ ଶିକ୍ଷୟିତ୍ରୀଶିକ୍ଷକ ନିୟମିତ

ହାଟଡିହୀ, ୨୯।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୮୯ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିୟମିତ ହୋଇଛନ୍ତି। ଏମାନେ ୨୦୧୨ରେ ନିଯୁକ୍ତି ପାଇ ଶିକ୍ଷା ସହାୟକ ରୂପେ କାର୍ଯ୍ୟ କରୁଥିଲେ। ୨୦୧୮ରେ ଏମାନଙ୍କୁ ନିୟମିତ ଶିକ୍ଷୟିତ୍ରୀ ଓ ଶିକ୍ଷକ ରୂପେ ବିବେଚନା କରାଯାଇଥିଲା। ସୋମବାର ବିଇଓ ଅଫିସ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଇଓ ଶରତ ରାଉତ, ବିଆରସିସି ବିନୋଦ ରାଉତ, ଏବିଇଓ ସୁରେଶ ଯେନା, ଆନନ୍ଦପୁର ଏବିଇଓ ଦୟାନିଧି ବ୍ରହ୍ମ ପ୍ରମୁଖଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ । ଦୀର୍ଘ ୬ ବର୍ଷର ପରିଶ୍ରମ ପରେ ନିୟମିତ ଭାବେ ନିଯୁକ୍ତି ପତ୍ର ପାଇଥିବାରୁ ଖୁସି ଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ବୈଠକରେ ମତବ୍ୟକ୍ତ କରିଥିବା ବେଳେ ଶିକ୍ଷା ବିଭାଗକୁ କୃତଜ୍ଞତା ଜ୍ଞାପନ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନିୟମିତ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା ।

## ପରିବେଶ ସୁରକ୍ଷା ପାଇଁ ଚାରାରୋପଣ



କାଞ୍ଜିପାଣି ବିଦ୍ୟାଳୟରେ ଚାରାରୋପଣ କରାଯାଉଛି।

ଝୁମ୍ପୁରା, ୨୯।୭(ଡି.ଏନ.ଏ.)

ପରିବେଶ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ତଥା ଉଜୁଡି ଯାଉଥିବା ପ୍ରାକୃତିକ ପରିବେଶକୁ ସଜାଡିବାର ପ୍ରୟାସ ନେଇ ବନ ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସର, ଗ୍ରାମ୍ୟ ପଡିଆ, ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲଗୁଡିକରୁ ଗଛ କମ୍ ହୋଇ ଯାଇଥିବା ଜାଗା ଆଦି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ବନପାଳମାନଙ୍କ କାର୍ଯ୍ୟାଳୟକୁ ୟୁନିଟ କରାଯାଇ ଉକ୍ତ ଫରେଷ୍ଟ ବିଟ୍ ଅନ୍ତର୍ଗତ ଉପରୋକ୍ତ ସ୍ଥାନଗୁଡ଼ିକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜୋରଦାର କରାଯାଉଛି। ଆମ୍ବ, ନିମ୍ବ, ଡାଳିମ୍ବ, ବର, ଶାଗୁଆନ, ପିଆଶାଳ, ଡିମିରି, ଜାମୁ ଆଦି ଚାରା ରୋପଣ କରାଯାଉଛି। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପରବେଶୀୟ ସଚେତନତା ସୃଷ୍ଟି ପାଇଁ ରାଲି, ଗ୍ରାମ ପରିକ୍ରମା ଆଦି କରାଯାଉଛି। ଏହି କ୍ରମରେ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନହବେଡା ପଞ୍ଚାୟତ ସ୍ଥିତ ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ, କାଞ୍ଜିପାଣି ୟୁଜିୟୁପି ବିଦ୍ୟାଳୟରେ ବାଲିବନ୍ଧ ବନପାଳ କାର୍ଯ୍ୟାଳୟ ପକ୍ଷରୁ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆଦି କରାଯାଇଛି।

## ଭୂୟାଁ ସାଂସ୍କୃତିକ ସଙ୍ଗଠନର ବୈଠକ

ଚମ୍ପୁଆ,୨୯।୭(ଡି.ଏନ.ଏ)

ଚମ୍ପୁଆରେ ଭୂୟାଁ ସାଂସ୍କୃତିକ ସଙ୍ଗଠନର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବିଭୀଷଣ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧୦୦ ଜଣ ସଭ୍ୟଙ୍କ ମଧ୍ୟରୁ ୬୦ଜଣ ଯୋଗ ଦେଇଥିଲେ। ଏକତା, ସହନଶୀଳତା ଓ ଜନ ସଚେତନତା ଦ୍ୱାରା ସଙ୍ଗଠନ ଆଜି ଆଗଧାଡିରେ କାର୍ଯ୍ୟ କରୁଛି। ଆଗାମୀ ଦିନରେ ଏହି ସଙ୍ଗଠନ ଜାତିର ଉନ୍ନତି ସହିତ ବହୁ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବ ବୋଲି ବିଭୀଷଣ ନାଏକ ସୂଚନା ଦେଇଥିଲେ। ବହୁ ପ୍ରତୀକ୍ଷିତ ଭୂମିପୁତ୍ର ବିପ୍ଳବୀ ବୀର ଧରଣୀଧରଙ୍କ ପ୍ରତିମୂର୍ତ୍ତି ଚମ୍ପୁଆ ସହର ମଧ୍ୟରେ ଅନାବରଣ କରାଯିବ ବୋଲି କହିଥିଲେ। ଚମ୍ପୁଆ ନଗର ଭବନକୁ ଧରଣୀଧରଙ୍କ ନାମରେ ନାମିତ କରିବାକୁ ହୋଇଥିବା ଦାବିର ୩ ବର୍ଷ ପରେ ବି ଏନଏସି ପକ୍ଷରୁ କୌଣସି ଉତ୍ତର ମିଳି ନ ଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ।

## ଘରଭାଙ୍ଗି ଧାନ ଚାଉଳ ଖାଇଲେ ହାତୀପଲ

ତେଲକୋଇ, ୨୯।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଆକୁଳ ପଞ୍ଚାୟତର ବନବିହାରୀପୁର ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ହାତୀପଲ ହାତୀପଲ ପଶି ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇଯାଇଛନ୍ତି । ଏହି ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରାତି ବିତାଉଛନ୍ତି। ବିଳମ୍ବିତ ରାତିରେ ହାତୀପଲ ଜଙ୍ଗଲରୁ ଗାଁ ତଳି ଆଡ଼କୁ ମାଡ଼ି ଆସୁଛନ୍ତି। ବନବିଭାଗ ଏମାନଙ୍କୁ ଘଉଡ଼ାଇପାରୁ ନାହିଁ। ବନବିହାରୀପୁର ଗ୍ରାମର ମଧୁ ଜୁଆଙ୍ଗ (୪୮), ସୋମବାରୀ ଜୁଆଙ୍ଗ(୪୩)ଙ୍କ ଘରକୁ ହାତୀପଲ ଭାଙ୍ଗି ଚାଉଳ ଓ ଧାନ ଖାଇ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ମଧୁ ଜୁଆଙ୍ଗଙ୍କ ପରିବାର ଘରେ ଶୋଇଥିବା ବେଳେ ହାତୀ ଘର ଭାଙ୍ଗୁଥିବା ଶବ୍ଦ ଶୁଣି ତାଙ୍କ ଭାଇ ସୋମବାରି ଜୁଆଙ୍ଗଙ୍କୁ ଟାଣି ନେଇ ଆସିବାରୁ ସେମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅଞ୍ଚଳରେ ଉପଦ୍ରବ କରୁଥିବା ପଲରେ ୯ଟି ହାତୀ ରହିଛନ୍ତି। ଗୋଟିଏ ଦନ୍ତା ହାତୀ ସେମାନଙ୍କ ବାଟ କଢ଼ାଉଥିବା ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ବନାଞ୍ଚଳ ଅଧିକାରୀଙ୍କୁ ପଚାରିବାରୁ ଘର ଭାଙ୍ଗିଥିବା ଲୋକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି।



ହାତୀମାନେ ଘର ଭାଙ୍ଗି ଧାନ ଚାଉଳ ଖାଇଛନ୍ତି।